## କୋକ୍ ଓଭେନ ବିଭାଗ କର୍ମଚାରୀ ପୁରସ୍କୃତ

ରାଉରକେଲା ଅଫିସ : ରାଉରକେଲା ଇସ୍ପାତ କାରଖାନା କୋକ୍ ଓଭେନ ବିଭାଗର ଏକ ୬ ଜଣିଆ କର୍ମଚାରୀ ଦଳଙ୍କୁ ଉତ୍କର୍ଷ ପୁରସ୍କାର ଯୋଜନାରେ ପୁରସ୍କୃତ କରାଯାଇଛି। କୋକ୍ ଓଭେନ ବିଭାଗର ସିଜିଏମ୍ ତୁଳାରାମ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କର୍ମଚାରୀମାନଙ୍କୁ ପ୍ରଶଂସାପତ୍ର ଓ ପ୍ରତ୍ୟେକଙ୍କୁ ୮ଶହ ଟଙ୍କା ମୂଲ୍ୟର ଉପହାର କାର୍ଡ ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗୀୟ ପ୍ରତିନିଧି ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଭାଗର ସିନିୟର ମ୍ୟାନେଜର ଜ୍ୟୋତି ଓରେୟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ୫୦ଟଙ୍କା ପାଇଁ ନାବାଳକଙ୍କ ଆତ୍ମହତ୍ୟା

ଟେନ୍ସା,୧୧।୮(ଡି.ଏନ୍.ଏ.): ମାଆଙ୍କୁ ମାଗିଲା ୫୦ଟଙ୍କା ଦିଅ। ମାଆ କହିଲା ପଇସା ନାହିଁ। ମିଟିଂରୁ ଫେରେ ତତେ ଟଙ୍କା ଦେବି। ଏତିକିରେ ନାବାଳକ ରାଗି ଯାଇ ଘର ଭିତରେ ଥିବା ରୁଅରେ ଏକ ଧୋତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହିପରି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ କୋଇଡା ଥାନା ଅନ୍ତର୍ଗତ ବଲଡ଼ିହି ଗ୍ରାମରେ ମଙ୍ଗୁଲି ନାଏକଙ୍କ ଘରେ। ଗତ ଦୁଇ ବର୍ଷ ତଳେ ମଙ୍ଗୁଲି ମୃତ୍ୟୁବରଣ କରିଥିଲେ। ଘରେ ତାଙ୍କ ସ୍ତ୍ରୀ ସହିତ ନାବାଳକ ପୁଅ ଝିଅ ଥିଲେ। ପୁଅ ସଞ୍ଜୟ (୧୬) ଗୁରୁବାର ସନ୍ଧ୍ୟାରେ ମା'ଙ୍କୁ ୫୦ ଟଙ୍କା ମାଗିଥିଲେ। ମା' କହିଲେ ମୋ ପାଖରେ ୫୦ଟଙ୍କା ନାହିଁ। ମୁଁ ଦେଇ ପାରିବି ନାହିଁ କହି ଗ୍ରାମକୁ ଗ୍ରୁପ ମିଟିଂ କରିବାକୁ ଚାଲି ଯାଇଥିଲେ। ଘରକୁ ଫେରି ଦେଖିବା ବେଳକୁ ପୁଅ ଧୋତି ଲୁଗାରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ କୋଇଡା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ରାତି ହୋଇଥିବାରୁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି କୋଇଡ଼ା ଥାନା ଆଇଆଇସି ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି ।

### ଚୋରା କାଠ ଜବତ, ୨ ବ୍ୟବସାୟୀ ଗିରଫ

ରାଉରକେଲା ଅଫିସ,୧୧।୮: ରାଉରକେଲା ପୋଲିସ ବୁଧବାର ଚଢ଼ାଉ କରି ଚୋରା କାଠ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଧୁସୂଦନପାଲିର ପ୍ରିୟବ୍ରତ ବିଶ୍ୱାଳ ଓ ରେଲୱେ କଲୋନୀ ଅଞ୍ଚଳର ବିଭିଷଣ ସାହୁ। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ପ୍ରିୟବ୍ରତ ଓ ବିଭିଷଣ ଏକ ଟାଟା ଏସିଇ (ନଂ.ଓଆର୧୪ୟୁ/୨୧୬୦) ଯୋଗେ ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରୁ ଶାଳ ଓ ପିଆଶାଳ କାଠ ବୋଝେଇ କରି ଫେରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ଉକ୍ତ ଗାଡିକୁ ରେଲୱେ କଲୋନୀ ଅଞ୍ଚଳରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଗାଡିରେ ୨୩ ଖଣ୍ଡ ଶାଳପଟା ଓ ୭ ଖଣ୍ଡ ଗମ୍ଭାରି କାଠକୁ ପୋଲିସ ଜବତ କରିଥିଲା।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ରାଉରକେଲା ଅଫିସ,୧୧।୮: ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ ଶକ୍ତିନଗର ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗନ୍ନାଥ ଭରସାଗର(୨୮) ଓରଫ ରୋହିତ। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ରୋହିତ ଉକ୍ତ ମହିଳାଙ୍କ ସହ ଭାଉଜ ସମ୍ପର୍କ କରି ତାଙ୍କ ଘରକୁ ଯିବାଆସିବା କରୁଥିଲା। ମହିଳାଙ୍କ ସ୍ୱାମୀ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବାରୁ ପ୍ରାୟ ସମୟ ଘରେ ରହୁ ନ ଥିଲେ। ଏହାର ସୁଯୋଗ ନେଇ ରୋହିତ ତାଙ୍କ ଘରକୁ ଯାଇ ନାନା ପ୍ରଲୋଭନ ଦେଖାଇ ଉକ୍ତ ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିଆସୁଥିଲେ। ଏ ନେଇ ପରେ ମହିଳା ଜଣଙ୍କ ଗତ ମେ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୭।୨୨) ରୁଜୁ କରି ଗୁରୁବାର ସୁବର୍ଣ୍ଣପୁର ବଡମାଲ ଗ୍ରାମରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଅଟକ

ରାଉରକେଲା ଅଫିସ,୧୧।୮: ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ଗୁରୁବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଜୁବେଦା ଖାତୁନ(୨୬)। ଏହି ଘଟଣାରେ ପୋଲିସ ମୃତା ମହିଳାଙ୍କ ସ୍ୱାମୀ ସକୀର ଆଲାମଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ରିପୋର୍ଟ ଲେଖା ହେବା ସୁଦ୍ଧା (ରାତି ୮ଟା) ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ସୂଚନା ଅନୁସାରେ, ଗୋପବନ୍ଧୁପାଲି ସ୍ଥିତ ଟିଙ୍ଗଟାଙ୍ଗ ବସ୍ତିର ସକୀର ଗତବର୍ଷ ଜୁବେଦାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଗୁରୁବାର ରାତି ସାଢ଼େ ୭ଟାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସକୀର ମାରଣାସ୍ତ୍ରରେ ଜୁବେଦାଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ସକୀର ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସକୀରଙ୍କୁ ଲାଲ୍ ବିଲ୍ଡିଂ ଗଳିରୁ ଧରିଆଣି ଘଟଣାର ତଦନ୍ତ କରୁଛି।

# ଚନ୍ଦଳି ଶକ୍ତିପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଉ

ଲେଫ୍ରିପଡ଼ା,୧୧।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ରାଏ ପଞ୍ଚାୟତ ଅନ୍ତର୍ଗତ ଉଜ୍ୱଲପୁର ଠାରୁ ଦର୍ଲିପାଲି ପିଡ଼ବ୍ଲୁଡ଼ି ରାସ୍ତା କଡ଼ ଏନଟିପିସି ପ୍ରକଳ୍ପ ନିକଟରେ ରହିଛି ପ୍ରସିଦ୍ଧ ଚନ୍ଦଳି ଶକ୍ତିପୀଠ। କେଉଁ ଆବାହମାନ କାଳରୁ ଏଠାରେ ମା' ଚନ୍ଦଳି ପାଟ ପୂଜା ପାଇ ଆସୁଛନ୍ତି । ମା'ଙ୍କ ପ୍ରତି ଅଞ୍ଚଳବାସୀଙ୍କ ଅଗାଢ ଆସ୍ଥା, ବିଶ୍ୱାସ ଓ ଭକ୍ତି ରହିଛି । ହଜାର ହଜାର ଲୋକଙ୍କ ବିଶ୍ୱାସର ପ୍ରତୀକ ଏହି ଲୋକଦେବୀ। ପୁଷ୍ପୁନି ଦିନ ଏଠାରେ ବିଶାଳ ମେଳାର ଆୟୋଜନ ମଧ୍ୟ ହୋଇଥାଏ। ରାଏ ପଞ୍ଚାୟତ ତଥା ରାଜସ୍ୱ ଗ୍ରାମ ଅଧୀନରେ ଏହା ରହିଥିବା ବେଳେ ଏହି ଚନ୍ଦଳି ପାହାଡ଼ ଉପରେ ପାଟ ମା'ଙ୍କ ଆସ୍ଥାନ ରହିଛି । ଦଶହରା ଏବଂ ପୌଷପୂର୍ଣ୍ଣିମାରେ ଏଠାରେ ଭକ୍ତଙ୍କ ବେଶ ଭିଡ଼ ପରିଲକ୍ଷିତ ହୋଇଥାଏ । ପୌଷ


ଚନ୍ଦଳି ଶକ୍ତିପୀଠରେ ଲାଗିଛି ଭକ୍ତଙ୍କ ଗହଳି।

ପୂର୍ଣ୍ଣିମାରେ ଏଠି ମେଳା ବସୁଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ଆଖପାଖ ପଡୋଶୀ ଜିଲା ଝାରସୁଗୁଡ଼ା, ସମ୍ବଲପୁର ସମେତ ଛତିଶଗଡ଼ ଅଞ୍ଚଳରୁ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ମା' ଚନ୍ଦଳିପାଟ ପ୍ରତ୍ୟକ୍ଷ ଦେବୀ ହୋଇଥିବା ବେଳେ ତାଙ୍କ ପାଖରେ ମନାସି କଲେ ଅଭିଳାଷ ପୂରଣ ହୋଇଥାଏ ବୋଲି ଲୋକଙ୍କର ଅଗାଧ ବିଶ୍ୱାସ ରହିଛି । ଏଣୁ ପ୍ରତ୍ୟେକ ପୌଷପୂର୍ଣ୍ଣିମାରେ ଲକ୍ଷ ଲକ୍ଷ ଭକ୍ତ ସମବେତ ହୋଇ ମା'ଙ୍କ ପୂଜା ଆରାଧନା କରିଥାନ୍ତି । ଏହା ଜିଲା ତଥା ଅଞ୍ଚଳର ଏକ ପ୍ରସିଦ୍ଧ ଶକ୍ତିପୀଠ ଭାବେ ପରିଚୟ ସୃଷ୍ଟି କରିଥିବାରୁ ଏହି ପୀଠ ପ୍ରତି ଲୋକଙ୍କ ଦୃଢ ବିଶ୍ୱାସ ଓ ଭକ୍ତି ରହିଛି। କିନ୍ତୁ, ଏହି ପୀଠରେ ଏଯାବତ କୌଣସି ବିକାଶ ହୋଇପାରି ନ ଥିବାରୁ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ସ୍ଥାନୀୟ ଜନୈକ ଭକ୍ତ ମା' ଙ୍କ ପୀଠ ଛାତ କରି ସୁରକ୍ଷା ପାଇଁ ଉଦ୍ୟମ କରିଥିବା ବେଳେ ଅନ୍ୟ ଜଣେ ଭକ୍ତ ଗେଟ ନିର୍ମାଣ କରିଛନ୍ତି । ତେବେ ଏହି ପୀଠର ସର୍ବାଙ୍ଗୀନ ବିକାଶର ଜରୁରୀ ଆବଶ୍ୟକତା ରହିଛି। ଏହାରି ନିକଟରେ ଏନଟିପିସିର ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପ ଏବେ ପ୍ରତିଷ୍ଠା ହୋଇଛି। ଏଣୁ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ ପାଣ୍ଠିରୁ ଅନୁଦାନ ମଞ୍ଜୁରୀ କରାଯାଇ ଏହି ଗୁରୁତ୍ୱପୂର୍ଣ୍ଣ ଶକ୍ତି ପୀଠର ବିକାଶ କରାଯିବା ସହିତ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛି।

## ଆରଏସ୍‌ପିର ରୋଶନି କର୍ମଶାଳା

ରାଉରକେଲା ଅଫିସ,୧୧।୮

ଆରଏସ୍‌ପି ପକ୍ଷରୁ କାରଖାନାର ଏଚ୍‌ଆର୍‌ଡି ସେଣ୍ଟରଠାରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସଶକ୍ତ କରିବା ପାଇଁ ଗୁରୁବାର ରୋଶନି କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ କାର୍ଯ୍ୟ କାର୍ମିକ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଧୀରେନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅଗଷ୍ଟ ମାସରେ ଅବସର ଗ୍ରହଣ କରିଥିବା ସମୁଦାୟ ୩୨ ଜଣ କର୍ମଚାରୀ ଓ ଅଧିକାରୀ କର୍ମଶାଳାରେ ଯୋଗ ଦେଇଥିଲେ। ଅବସର ପରବର୍ତ୍ତୀ ଜୀବନକୁ କିଭଳି ସୂଚାର ରୂପେ ପରିଚାଳନା କରିବା ଓ ସେଲ୍ ମେଡିକ୍ଲେମ ଯୋଜନା, ଆଇଟିର ନିରାପଦ ବ୍ୟବସ୍ଥା ଉପରେ କର୍ମଚାରୀଙ୍କୁ ସଚେତନ କରାଯାଇଥିଲା। କାର୍ମିକ ବିଭାଗର ଜିଏମ୍ ଭି.ଏସ୍ ସହୋଟା, ସିଆଣ୍ଡ ଆଇଟି ବିଭାଗର ଏଜିଏମ୍ ଭି. ଭି ଆଚାର୍ଯ୍ୟ, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ସିଇଏମ୍‌ଓ ଡାକ୍ତର ସିଭଲକର, ସହରସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏଚ୍. କେ. ସାହୁ, ବିତ୍ତ ଓ ଲେଖା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଡି. କେ. ଦାସ ବିଭିନ୍ନ ଅଧିବେଶନରେ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ଅନିକେତା ଭି. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ

ଦେବଗଡ଼,୧୦।୮(ଡି.ଏନ.ଏ)

ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ କ୍ଲବ ଗୃହରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ସଭାପତି ଡକ୍ଟର ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଦୁର୍ଗା ପ୍ରସାଦ ଦ୍ୱିବେଦୀ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧରଙ୍କ ସାହିତ୍ୟ କୃତୀ ଓ ଜୀବନୀ ଉପରେ ଆଲୋଚନା କରିଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁମିତ୍ରା ପୁରୋହିତ ଉପସ୍ଥିତ କବି, ସାହିତ୍ୟିକ ଓ ବୁଦ୍ଧିଜୀବୀମାନଙ୍କୁ ରକ୍ଷା ବନ୍ଧନ କରିଥିଲେ । ଏହି ଅବସରରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲ। ଏଥିରେ କବି ପ୍ରଫୁଲ୍ଲ କୁମାର ମହାପାତ୍ର, ଫକୀର ମୋହନ ଦେହୁରୀ, ଉଦୟ କୁମାର ପ୍ରଧାନ, ଜଗମୋହନ ସାହୁ, ରାମଚନ୍ଦ୍ର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥି, ହେମନ୍ତ କୁମାର ମହାପାତ୍ର, ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିଜୟ କୁମାର ମହାରଣା ଓ କବୟିତ୍ରୀ ସୁମିତ୍ରା ପୁରୋହିତ ପ୍ରମୁଖ ସ୍ୱଭାବ କବି ଗଙ୍ଗାଧରଙ୍କ ଜୀବନୀ ସମ୍ପର୍କୀତ କବିତାପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଦାଶ, ନିରଞ୍ଜନ ଦ୍ୱିବେଦୀ, ନେତ୍ରାନନ୍ଦ ମହାକୁଳ, ଡକ୍ଟର ସନ୍ତୋଷ କୁମାର ଦେବତା,ଭୋଳେଶ୍ୱର ମିଶ୍ର ଓ ଯତୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂସଦର ସହ ସମ୍ପାଦକ ଡକ୍ଟର ଭାରତ ଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

## କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ ରକ୍ତଭଣ୍ଡାର କର୍ମଚାରୀ

ଦେବଗଡ଼,୧୧।୮(ଡି.ଏନ.ଏ)

ରକ୍ତ ଭଣ୍ଡାରଗୁଡିକର କର୍ମଚାରୀମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦରେ କର୍ମଚାରୀମାନେ ଆଗାମୀ ୧୨ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଳାବ୍ୟାଜ ପରିଧାନ କରି କାମ କରିବେ । ସୂଚନା ଅନୁଯାୟୀ ରାଜ୍ୟର ରକ୍ତଭଣ୍ଡାର ଗୁଡିକର ଲ୍ୟାବୋରେଟୋରୀ ଟେକନିସିଆନ, ଷ୍ଟାଫ ନର୍ସ, ପିଆର୍‌ଓ, କିରାଣୀ, ଡିଇଓ ବିଭିନ୍ନ ଏସ୍‌ଏସ୍‌ଇ, ଆକାଉଣ୍ଟାଣ୍ଟ କାଉନଶିଲର ପ୍ରୋପାଗଣ୍ଡା ଅଫିସର, କାଉଣ୍ଟର ଆସିଷ୍ଟାଣ୍ଟ, ଆଟେଣ୍ଡାଣ୍ଟ ଓ ସୁଇପର ଆଦି ଅସ୍ଥାୟୀ ପଦ ପଦବୀରେ ଥିବା ଅସ୍ଥାୟୀ କର୍ମଚାରୀମାନେ ନିରବଚ୍ଛିନ୍ନ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। କରୋନା ମହମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଉପରୋକ୍ତ କର୍ମଚାରୀମାନେ କାର୍ଯ୍ୟ ତୁଲାଇ ଆସୁଥିବାବେଳେ ସେମାନେ ନିଜର ନ୍ୟାର୍ଯ୍ୟ ଦାବିପୂରଣ ପାଇଁ ଦୀର୍ଘ ଦିନ ହେଲା ସରକାରଙ୍କ ନିକଟରେ ଗୁହାରୀ କରିଆସୁଛନ୍ତି। ମାତ୍ର ସରକାର ସେମାନଙ୍କର ଦାବିଗୁଡିକୁ ପୂରଣ କରିବା ପରିବର୍ତ୍ତେ କେବଳ ମିଥ୍ୟା ପ୍ରତିଶୃତି ଦେଉଛନ୍ତି। ସ୍ୱଳ୍ପ ବେତନ ଯୋଗୁ

### ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦ

ସମ୍ପୃକ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ଲୋକେ ବହୁ ଦୁଃଖ କଷ୍ଟରେ କାଳ କାଟୁଛନ୍ତି। କେତେକ କର୍ମଚାରୀ ଇତି ମଧ୍ୟରେ ପ୍ରାୟ ୨୦ରୁ ୨୫ ବର୍ଷ ହେଲା ନିଷ୍ଠାର ସହ କାର୍ଯ୍ୟନିର୍ବାହ କରିଆସୁଥିଲେ ସୁଦ୍ଧା ସରକାର ସେମାନଙ୍କ ପ୍ରତି ଏଭଳି ଅବିଚାର କରିବା ଦୁର୍ଭାଗ୍ୟଜନକ ବୋଲି ଓଡିଆ ରକ୍ତ ଭଣ୍ଡାର କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ କର୍ମଚାରୀ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ବୈମାତୃକ ମନୋଭାବ ଏବଂ ଅବିଚାର ପ୍ରତିବାଦରେ ରକ୍ତ ଭଣ୍ଡାର କର୍ମଚାରୀ ମାନେ ଆଗାମୀ ୧୨ ତାରିଖରୁ କଳାବ୍ୟାଜ ପରିଧାନ କରି କାର୍ଯ୍ୟ ସମ୍ପାଦନ କରିବେ ବୋଲି ନିଷ୍ପତି ନେଇଥିବା ଜଣାପଡିଛି । ସେହିପରି ଦେବଗଡ ଜିଲାର ରକ୍ତ ଭଣ୍ଡାର କର୍ମଚାରୀମାନେ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କଲାବେଳେ କଳାବ୍ୟାଜ ପରିଧାନ କରିବେ ବୋଲି ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘର ସଭାପତି ମଳୟ କୁମାର ବେହେରା ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

କୁଆଁରମୁଣ୍ଡା,୧୧।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବ୍ରହ୍ମା କୁମାର ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କୁଆଁରମୁଣ୍ଡା ଶାଖା ପକ୍ଷରୁ ଗୁରୁବାର ପବିତ୍ର ରକ୍ଷା ବନ୍ଧନ ଦିବସ ପାଳିତ ହୋଇଯାଇଛି ।ସମାଜରେ ଶାନ୍ତି, ମୈତ୍ରୀ, ସ୍ନେହ, ଶ୍ରଦ୍ଧାର ସମ୍ପର୍କ ଅତୁଟ ରହିବା ପାଇଁ ବ୍ରହ୍ମା କୁମାରୀମାନେ କୁଆଁରମୁଣ୍ଡା ଅଞ୍ଚଳ ପରିକ୍ରମା କରି ବିଭିନ୍ନ ବ୍ୟକ୍ତିଙ୍କ ହାତରେ ରାକ୍ଷୀ ବାନ୍ଧିଛନ୍ତି। ଦିନତମାମ ତୁହାକୁ ତୁହା ବର୍ଷା ହେଉଥିଲେ ମଧ୍ୟ କୁଆଁରମୁଣ୍ଡା ବ୍ରହ୍ମା କୁମାରୀ ଶାଖାର ମୁଖ୍ୟ ପରିଚାଳିକା ବି.କେ ସୁମନ, ବି.କେ ଗାୟତ୍ରୀ କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, କୁଆଁରମୁଣ୍ଡା ବଜାର ଇତ୍ୟାଦି ପରିକ୍ରମା କରି ଲୋକଙ୍କ ହାତରେ ରାଖୀ ବାନ୍ଧି ଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଶାଖା କାର୍ଯ୍ୟାଳୟର ଅନ୍ୟତମ ପୁରୋଧା ଶୈଳେଶ ତିୱାରୀ(ରାଜୁ ଭାଇ) ଓ ଅନ୍ୟମାନେ ଉପସ୍ଥିତ ରହି ରକ୍ଷା ବନ୍ଧନ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂଚାଳନ କରିଥିଲେ ।

## ମାତୃଜାତିର ସୁରକ୍ଷା ସମସ୍ତଙ୍କ ଧେୟ ହେଉ

ସୁନ୍ଦରଗଡ଼, ୧୧।୮(ଡି.ଏନ.ଏ.)

### ବେଲମୁଣ୍ଡାରେ ରକ୍ଷା ବନ୍ଧନ ଉତ୍ସବ

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତିଲେଇକାନି ପଞ୍ଚାୟତ ଅନ୍ତର୍ଗତ ବେଲମୁଣ୍ଡା ଗ୍ରାମରେ ଗୁରୁବାର ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଭାରତମାତାଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ଗ୍ରାମର ଶ୍ରଦ୍ଧାଳୁଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ତାପରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ ପଦାଧିକାରୀ ତଥା ସମାଜସେବୀ ଶାନ୍ତନୁ କୁସୁମ ଯୋଗଦେଇ ରାକ୍ଷୀ ପୂର୍ଣ୍ଣିମା ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ମାତୃଜାତିର ସୁରକ୍ଷା ବିନା ଏକ ବୈଭବଶାଳୀ ଭାରତ ନିର୍ମାଣର ପରିକଳ୍ପନା ଅସମ୍ଭବ ବୋଲି କୁସୁମ ଅଭିହିତ କରିଥିବାବେଳେ ସମସ୍ତ ମତ ପାର୍ଥକ୍ୟକୁ ଭୁଲି ସ୍ନେହମମତାର ବନ୍ଧନରେ ବାନ୍ଧି ହେବାକୁ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ କରିଥିଲେ। ଶେଷରେ ସମସ୍ତ ଶ୍ରଦ୍ଧାଳୁ ଅନ୍ନପ୍ରସାଦର ଆନନ୍ଦ ନେଇଥିଲେ। ବଳରାମ ବାରଲାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅର୍ଜୁନ ଆପଟ, ସତ୍ୟାନନ୍ଦ ମାହାର, ଗୁରବାରୁ ନାଏକ, ପୁଷ୍ପ ମାହାର, ଝଗରୁ ନାଏକ, ପିତାମ୍ବର ସେଠ, ହରି ମାହାର, ସୋନୁ ନାଏକ, ସନିଆର ନାଏକ, ମାଳତି ନାଏକ, ଶକୁନ୍ତଳା ନାଏକ, ଅମୂଲ୍ୟ ନାଏକ, ମନ୍ଦାଦେଇ ନାଏକ, ରମ୍ଭା ମାହାର, ଲକ୍ଷ୍ମୀ ମାଝୀ, ଶ୍ୟାମାରାଣୀ ସାଏ, ଶିବାନୀ ନାଏକ, ଯମୁନା ସେଠ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପ୍ରେମିକାଙ୍କୁ ବ୍ଲାକ୍‌ମେଲିଂ, ପ୍ରେମିକ ଗିରଫ

ରାଉରକେଲା ଅଫିସ,୧୧।୮

ଜଣେ ବିବାହିତା ଯୁବତୀଙ୍କୁ ପ୍ରେମିକାଙ୍କୁ ବ୍ଲାକ୍‌ମେଲିଂ କରି ତାଙ୍କ ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଜୟ ରାମ(୨୫)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୦୬।୨୨) ରୁଜୁ ହୋଇଛି। ପ୍ଲାଣ୍ଟସାଇଟ ଥାନା ଗାନ୍ଧୀରୋଡ ଅଞ୍ଚଳର ଉକ୍ତ ଯୁବତୀ ଜଣକ ଗତ ମେ ମାସରେ ସେହି ଅଞ୍ଚଳର ଜଣେ ଯୁବକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପୂର୍ବରୁ ଯୁବତୀ ଜଣଙ୍କୁ ଭଲ ପାଉଥିବା ଅଜୟ କିଛି ଫଟୋ ଦେଖାଇ ବ୍ଲାକ୍‌ମେଲ କରିବା ସହ ଜୋରଜବରଦସ୍ତ ଶାରିରୀକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଗାଡ଼ି ଭଙ୍ଗାରୁଜାରେ ୨ଗିରଫ

ଲେଫ୍ରିପଡ଼ା,୧୧।୮(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରୀଯୋର ଗ୍ରାମରେ ସର୍ଗିପାଲି ମଦଭାଟିର ବୋଲେରୋ ଗାଡି ଭଙ୍ଗାରୁଜା କରି ଭାଟି କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣାରେ ପୋଲିସ ଦୁଇଜଣକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସେହି ସୁଆରୀଯୋର ଗ୍ରାମର କୃପା କିଶାନ(୨୮), ଏବଂ ମଣ୍ଟୁ ଛତ୍ରିଆ(୧୯) ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ସର୍ଗିପାଲି ମଦ ଭାଟି କର୍ମଚାରୀମାନେ ଗୁଣ୍ଡିଆଡ଼ିହିକୁ ବୋଲେରୋ ଦ୍ୱାରା ଯାଉଥିବା ସମୟରେ ଅଭିଯୁକ୍ତମାନେ ଗାଡି ଭଙ୍ଗାରୁଜା କରି ଭାଟି କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଯାହା ଫଳରେ କର୍ମଚାରୀ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଛି ।


ଲଘୁଚାପ ଜିନିତ ଲଗାଣ ବର୍ଷାରେ ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ଅଞ୍ଚଳରେ ଅଧିକାଂଶ ଲୋକଙ୍କ ଘର ଭାଙ୍ଗିଯାଇଛି।

## ଗଛକୁ ରାଖୀ ବାନ୍ଧି ଆଜୀବନ ସୁରକ୍ଷାର ଶପଥ

ସୁନ୍ଦରଗଡ଼,୧୧।୮(ଡି.ଏନ.ଏ. )

ଜଙ୍ଗଲ ଓ ପରିବେଶ ସୁରକ୍ଷା, ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି ତଥା ସଂଗଠନ ସୁଦୃଢୀକରଣ ନିମନ୍ତେ ଅନେକ ଗୁଡିଏ ଉଲ୍ଲେଖନୀୟ କାର୍ଯ୍ୟ କରି ରାଜ୍ୟର ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତି ଭାବରେ ପୁରସ୍କୃତ ହୋଇଥିଲା ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ଝୁରିମାଲ ବନ ସୁରକ୍ଷା ସମିତି। ବିଭିନ୍ନ ଅଭିନବ କାର୍ଯ୍ୟଦ୍ୱାରା ସମଗ୍ର ରାଜ୍ୟରେ ସୁନାମ ରଖିଥିବା ଝୁରିମାଲ ବନ ସୁରକ୍ଷା ସମିତି ଆଜି ଆଉ ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇଛି। ଗୁରୁବାର ପବିତ୍ର ରାଖୀ ପୂର୍ଣ୍ଣିମା ଉପଲକ୍ଷେ ଝୁରିମାଲ ଗ୍ରାମର ଶତାଧିକ ମହିଳା ବନ ସୁରକ୍ଷା ସମିତି ଦ୍ୱାରା ଜୟ ବଜରଙ୍ଗ ଫଳ ବଗିଚାରେ ଥିବା ଗଛ ମାନଙ୍କୁ ରାକ୍ଷୀ ବାନ୍ଧି ଆଜୀବନ ସୁରକ୍ଷାର ଶପଥ ନେବାର ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲେ। ଏହା ସହିତ ବନ ସୁରକ୍ଷା ସମିତିର ନିଜସ ଉଦ୍ୟମରେ କରାଯାଇଥିବା ଔଷଧୀୟ ଉଦ୍ୟାନରେ ମଧ୍ୟ ଶ୍ରମଦାନ କରାଯାଇ ନୂତନ ପଟାଳି ତିଆରି କରାଯାଇଥିଲା।


ରାକ୍ଷୀପୂର୍ଣ୍ଣିମା ଅବସରରେ ଗଛରେ ରାଖୀ ବନ୍ଧା ଯାଉଛି।

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ କାର୍ଯ୍ୟକାରୀ ହେବାପରେ ଝୁରିମାଲ ବନ ସୁରକ୍ଷା ସମିତିର ପୁନଃର୍ଗଠନ କରାଯାଇ ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କ ଜୀବିକାର ସୁଦୃଢୀକରଣ, ନୂତନ ବନୀକରଣ, ଲଘୁ ବନଜାତ ଦ୍ରବ୍ୟର ସାମୁହିକ ବଜାର ବ୍ୟବସ୍ଥା, ଶ୍ରମଦାନ ମାଧ୍ୟମରେ ସାମୂହିକ ସମ୍ପତ୍ତି ସୃଷ୍ଟି, ସମିତିର ନିଜସ ୱେବସାଇଟ ପ୍ରସ୍ତୁତି ଦ୍ୱାରା ଗ୍ରାମବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି ଝୁରିମାଲ ବନ ସୁରକ୍ଷା ସମିତି। ଗ୍ରାମର ୧.୬୫ ଏକର ପରିମିତ ଜମିରେ ଥିବା ଜୟ ବଜରଙ୍ଗ ଫଳ ବଗିଚାରେ ଗ୍ରାମର ସମସ୍ତ ୧୬୮ ପରିବାର ଗୋଟିଏ ଲେଖାଏଁ ଫଳ ଗଛ ରୋପଣ କରି ଓ ଗଛକୁ ରାଖୀ ବାନ୍ଧି ତିନି ବର୍ଷ ଧରି ରାକ୍ଷୀ ପୂର୍ଣ୍ଣମୀ ପାଳନ କରୁଛନ୍ତି। ଗୁରୁବାର ପ୍ରବଳ ବର୍ଷା ସତ୍ତ୍ୱେ ଗ୍ରାମର ମହିଳା ଗୋଷ୍ଠୀ ଏକତ୍ରିତ ହୋଇ ଫଳ ବଗିଚାରେ ରାକ୍ଷୀ ପୂର୍ଣ୍ଣମୀ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଜ୍ଜଳପୁର ବାନାଞ୍ଚଳର ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ, ଗ୍ରାମର ହେମାନନ୍ଦ ସେଠ, ସୁବ୍ରତ ପଟେଲ, ଉଦିତ ପଟେଲ, ରାଧେଶ୍ୟାମ ପଟେଲ, ଗୌରାଙ୍ଗ ଖରସେଲ, ରେଖା ନାଏକ, ରୋଜି ପଟେଲ ପ୍ରମୁଖ ଆୟୋଜନ କରିଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୧୨ ଅଗଷ୍ଟ, ୨୦୨୨



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଅମୃତ ବିହାର, ସକାଳ ୮ଟା।
- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତି ସମାରୋହ, ଜିଏମ୍‌ୟୁ ସଭାକକ୍ଷ-୧, ପୂର୍ବାହ୍ନ ୧୦ଟା।
- ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱଭାବ କବି ଜୟନ୍ତୀ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୭ଟା।

## ସଂକ୍ଷେପରେ

### କୋର୍ଟ ପରିସରରୁ ଅଭିଯୁକ୍ତ ଚମ୍ପଟ

**ସମ୍ବଲପୁର,୧୧।୮(ବ୍ୟୁରୋ):** ସମ୍ବଲପୁର କୋର୍ଟ ପରିସରରୁ ଗୁରୁବାର ସନ୍ଧ୍ୟାରେ ସୁନିଲ ନାଏକ ନାମକ ଜଣେ ଅଭିଯୁକ୍ତ ଚମ୍ପଟ୍ ମାରିଛନ୍ତି। ପୋଲିସ କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା କୁହାଯାଉଛି। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୁକ୍ତ ସୁନିଲଙ୍କ ପତ୍ତା ମିଳି ନାହିଁ। ସୂଚନାଯୋଗ୍ୟ କତରବଗା ଥାନା ପୋଲିସ ଏକ ବାଇକ୍ ଚୋରି ମାମଲାରେ ସୁନିଲ ଓ ଅନ୍ୟ ୨ଜଣଙ୍କୁ ଗିରଫ କରିଥିଲା। ଗୁରୁବାର ଡାକ୍ତରୀ ମାଇନା ପରେ ସନ୍ଧ୍ୟାରେ ପୋଲିସ ୩ ଅଭିଯୁକ୍ତଙ୍କୁ ସମ୍ବଲପୁର କୋର୍ଟରେ ହାଜର କରିବାକୁ ଆଣିଥିଲା। କୋର୍ଟରେ ହାଜର ହେବା ଆଗରୁ ସୁନିଲ ଚମ୍ପଟ୍ ମାରିଥିଲେ। ଅନ୍ୟ ୨ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଶୌଚ ହେବାକୁ ଯାଉଥିବା ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା

**ଝାରସୁଗୁଡ଼ା ଅଫିସ,୧୧।୮:** ଝାରସୁଗୁଡ଼ା ଜିଲା ବାଗଡିହି ଫରେଷ୍ଟ ରେଞ୍ଜ ଅଧୀନ ବୁଡାପଡା ଗ୍ରାମ ନିକଟରେ ଗୁରୁବାର ଜଣେ ବୃଦ୍ଧା ଶୌଚ ହେବାକୁ ଯାଇଥିବାବେଳେ ଏକ ଦନ୍ତାହାତୀ ତାଙ୍କୁ ଦଳି ମାରିଦେଇଛି। ମୃତକ ହେଲେ ବୁଡାପଡା ଗ୍ରାମ ରକ୍ସାପାଲିର ସୁବାସି ସିଂ ନାଏକ (୬୨)। ଖବରପାଇ ରେଞ୍ଜର ବ୍ରଜ ମୋହନ ପଟ୍ଟନାୟକ, ଫରେଷ୍ଟର ବୁଦ୍ଧୁରାମ ରୋହିଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରେଞ୍ଜର ପଟ୍ଟନାୟକଙ୍କ ଅଭିଯୋଗ ପରେ ବାଗଡିହି ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଦ୍ୱିବେଦୀ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ପଠାଇଛନ୍ତି। ଲଇକେରା ଥାନାରେ ଏ ନେଇ ଏକ ମାମଲା (ନଂ୧୫/୨୨) ରୁଜୁ ହୋଇଛି। ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଝାରସୁଗୁଡ଼ା ଅଫିସ,୧୧।୮:** ଝାରସୁଗୁଡା ସହରର ଆଦର୍ଶ ଶିକ୍ଷକ ଫକୀର ମୋହନ ପାଢ଼ୀ (୭୪)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ଝାରସୁଗୁଡା ସରବାହାଲ ୟୁଜିଏମ୍‌ଇ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସ୍ୱର୍ଗତ ପାଢ଼ୀ ୨୦୦୬ରେ ପ୍ରଧାନ ଶିକ୍ଷକ ପଦରୁ ଅବସର ନେଇ ସରବାହାଲସ୍ଥିତ ବାସଭବନରେ ରହୁଥିଲେ। ସେ ଅବସର ପରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ରହି କାର୍ଯ୍ୟ କରୁଥିଲେ। ତାଙ୍କର ଦୁଇପୁତ୍ର ଅବିନାଶ ପାଢ଼ୀ, ପ୍ରତ୍ୟୁଷ ପାଢ଼ୀ ଓ ଝିଅ ରିକି ପାଢ଼ୀ ରହିଛନ୍ତି। ଶୁକ୍ରବାର ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ତାଙ୍କ ବିୟୋଗରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଭାଇସ ଚେୟାରମ୍ୟାନ ବେଣୁଗୋପାଳ ପାଣିଗ୍ରାହୀ, ସାମାଜିକ କର୍ମୀ ପିଣ୍ଟୁ ପାଢ଼ୀ, ମାନସ ରାୟ, ରାଜେଶ ପାଢ଼ୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ନିଷ୍କାସନ ହୋଇପାରୁନି ବର୍ଷା ପାଣି

**ସମ୍ବଲପୁର,୧୧।୮(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମଇଳା, ଆବର୍ଜନାରେ ଭର୍ତ୍ତି ହୋଇଯିବାରୁ ନାଳନର୍ଦ୍ଦମା ପାଣି ରାସ୍ତାରେ ବୋହୁଛି, ଯାହା ଦୁର୍ଭାଗ୍ୟଜନକ ବୋଲି ଭାଜପା ବରିଷ୍ଠ ନେତା ତଥା ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ରାଜ୍ୟର ଅନ୍ୟ ପୌର ସଂସ୍ଥା ଭଳି ସମ୍ବଲପୁର ମହାନଗର ନିଗମକୁ ରାଜ୍ୟ ସରକାରଙ୍କ ଦ୍ୱାରା ଅର୍ଥ ଆବଣ୍ଟନ ହେଉଛି। ହେଲେ ଅନ୍ୟ ସହରରେ ପରିମଳ ବ୍ୟବସ୍ଥା ସୁଚାରୁରୂପେ ଚାଲୁଥିବା ବେଳେ ଏଠାରେ ବିପର୍ଯ୍ୟସ୍ତ କାହିଁକି ବୋଲି ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି। ଜିଲାପାଳ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

# ପଶ୍ଚିମ ଓଡ଼ିଶାବାସୀଙ୍କ ପରିଚୟ ଜିଏମ୍‌ୟୁ

**ସମ୍ବଲପୁର,୧୧।୮(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱତନ୍ତ୍ର ପରିଚୟ। ରାଜ୍ୟର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ସଫଳତାର ଶୀର୍ଷ ଛୁଇଁଛନ୍ତି। ତେଣୁ ଏହି ବିଶ୍ୱବିଦ୍ୟାଳୟର ବିକାଶ ଲାଗି ସମସ୍ତଙ୍କ ସହଯୋଗ ନିହାତି ଜରୁରୀ। ବିଶ୍ୱବିଦ୍ୟାଳୟ ବିକଶିତ ହେଲେ ଐତିହାସିକ ସମ୍ବଲପୁର ସହର ଓ ପଶ୍ଚିମ ଓଡ଼ିଶାର ବିକାଶ ହୋଇପାରିବ। ଗୁରୁବାର ଜିଏମ୍‌ୟୁ ନୂତନ ପ୍ରଶାସନିକ କୋଠା ଉଦ୍‌ଘାଟନ କରି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ଏହା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ବିକାଶ ଲାଗି ମୋ କଲେଜ ଅଭିଯାନକୁ ବ୍ୟାପକ କରାଯିବ। ଜିଏମ୍‌ୟୁ ସହିତ ଜଡ଼ିତ ଥିବା ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଶିକ୍ଷାବିତ୍ ଏକଶହ ବର୍ଷ ଲାଗି ସ୍ୱତନ୍ତ୍ର ସିଦ୍ଧାନ୍ତ କରିବା ଜରୁରୀ। ଅପରପକ୍ଷେ ବୈଷୟିକ ବ୍ୟବହାରକୁ ଅଧିକ ଭାବେ ପ୍ରଚଳନ କରିବା ଆବଶ୍ୟକତା ରହିଛି। ଏହାଦ୍ୱାରା ଜିଏମ୍‌ୟୁ ଛାତ୍ରୀଛାତ୍ର ରାଜ୍ୟ ତଥା ଦେଶ ବାହାର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଦାନ ବିଷୟରେ ଅଧିକ ଜାଣିପାରିବେ। ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରକୁ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପୂଜାରୀ କହିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ଅଧ୍ୟକ୍ଷତା ଓ ଉପକୁଳସଚିବ ଡ. ଉମାଚରଣ ପତିଙ୍କ ମଞ୍ଚ ସଂଯୋଜନାରେ ଉତ୍ସବ ହୋଇଥିଲା। ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅତନୁ କୁମାର ପତି ଯୋଗଦେଇ ପୂର୍ବ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରଫେସର ବଂଶୀଧର ମାଝି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର ମଞ୍ଚାସୀନ ଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ ଧନ୍ୟବାଦ ଦେଇଥିଲେ।


ନୂତନ ପ୍ରଶାସନିକ କୋଠାକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି ।

**ଜିଏମ୍‌ୟୁ ନୂତନ ପ୍ରଶାସନିକ କୋଠା ଉଦ୍‌ଘାଟିତ**

## ଜେଏସ୍‌ଡବ୍ଲ୍ୟୁ ସହାୟତାରେ ଏସ୍‌ୟୁରେ ଖୋଲିଲା କମ୍ପ୍ୟୁଟର ତାଲିମ କେନ୍ଦ୍ର

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ପରିସରରେ କମ୍ପ୍ୟୁଟର ତାଲିମ କେନ୍ଦ୍ର ଖୋଲାଯାଇଛି। ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍ କମ୍ପାନୀର ସିଏସ୍‌ଆର୍ ଅନୁଦାନରେ ଏହି କେନ୍ଦ୍ର ଖୋଲାଯାଇଛି। କମ୍ପାନୀ କର୍ପୋରେଟ୍ ସାମାଜିକ ଦାୟିତ୍ୱ ତୁଲାଇଛି। ଏହି କାର୍ଯ୍ୟ ପାଇଁ କମ୍ପାନୀର ଭିପି ଧନଞ୍ଜୟ କୁମାର ସିହ୍ନା ପ୍ରସ୍ତାବ ଦେଇଥିଲେ। କମ୍ପାନୀ ଏଭିପି ଆଶିଷ ଦାସ, ଶ୍ରୀବତ୍ସ ବିଶାଳ ରାଜ, ମୁଖ୍ୟ କର୍ପୋରେଟ ସାମାଜିକ ଦାୟିତ୍ୱ ଡକ୍ଟର ଶ୍ୟାମକାନ୍ତ ତନୁଜୀ ଗାଇଡାନେ, ଜେନେରାଲ ମ୍ୟାନେଜର ଏଥିପାଇଁ ସହଯୋଗ କରିଥିଲେ। ଏହି ଅବସରରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସଞ୍ଜୁକ୍ତା ଦାଶ, କମ୍ପ୍ୟୁଟର ବିଭାଗ ମୁଖ୍ୟ ଡ. ଚନ୍ଦ୍ରଶେଖର ପଣ୍ଡାଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କମ୍ପ୍ୟୁଟର କେନ୍ଦ୍ର ଖୋଲିବା ଦ୍ୱାରା ଛାତ୍ରୀଛାତ୍ର ଉନ୍ନତ ଜ୍ଞାନ ଆହରଣ କରିପାରିବେ ବୋଲି ଏସ୍‌ୟୁ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## କାଦୁଅ ରାସ୍ତାରେ ସ୍କୁଲ ଯାଉଛନ୍ତି ପିଲା

**ନାକଟିଦେଉଳ,୧୧।୮(ଡ଼ି.ଏନ.ଏ.)**

କାଦୁଅ ରାସ୍ତାରେ ସ୍କୁଲ ଯିବାକୁ ବାଧ ହେଉଛନ୍ତି ଛାତ୍ରୀଛାତ୍ର। ଏଭଳି ଘଟଣା ଦେଖିବାକୁ ମିଳିଛି ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଗ୍ରା.ପ.ର ମଣ୍ଡୁଆମ ଗ୍ରାମରେ। ସୂଚନା ଅନୁସାରେ କିସିଣ୍ଡା ଗୋଧିଡିପ ରାସ୍ତାର କେଲୋ ଗ୍ରାମଠାରୁ ମଣ୍ଡୁଆମ ପ୍ରାୟ ୨କି.ମି. ହେବ। ସ୍ୱାଧୀନତାର ଦୀର୍ଘ ୭୫ବର୍ଷ ପରେ ମଧ୍ୟ ମାଟି ରାସ୍ତାର ଉନ୍ନତୀକରଣ ହୋଇପାରି ନାହିଁ। ମଣ୍ଡୁଆମଠାରୁ କେଲୋ ପର୍ଯ୍ୟନ୍ତ ମାଟି ରାସ୍ତା ଏବେ ଖାଲଖମାରେ ପରିପୂର୍ଣ୍ଣ। ତେବେ ବର୍ଷା ଦିନେ ରାସ୍ତାରେ ପାଣି ଜମି ରହୁଥିବାରୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡୁଛି। ୨ଦିନ ହେଲା ଲଗାଣ ବର୍ଷାରେ ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ରହିଛି। ଗ୍ରାମର ବହୁ ଛାତ୍ରୀଛାତ୍ର ନିକଟସ୍ଥ କେଲୋ ବଞ୍ଜାଗୋଳା ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବଳମ ହାଇସ୍କୁଲ ଓ ନାକଟିଦେଉଳ ମହାବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇଥାନ୍ତି। କାଦୁଅ ପଚ ପଚ ରାସ୍ତାରେ ପିଲାମାନେ ଯିବାକୁ ବାଧ ହେଉଛନ୍ତି। ରାସ୍ତା ଏପରି ହୋଇଛି ସାଇକେଲରେ ଯିବା ଦୂରର କଥା ପାଦରେ ଚାଲି ଯିବାକୁ ମଧ୍ୟ ଲୋକେ ନିରାପଦ ମଣୁନାହାନ୍ତି। ସରକାର ତଥା ପ୍ରଶାସନ ରାସ୍ତାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନେବାକୁ ଗ୍ରମବାସୀ ତଥା ଛାତ୍ରୀଛାତ୍ର ଦାବି କରିଛନ୍ତି।


କାଦୁଅ ରାସ୍ତାରେ ପିଲାମାନେ ସାଇକେଲ ଗଡାଇ ଯାଉଛନ୍ତି।

## ଗଙ୍ଗାଧରଙ୍କ କବିତାରେ ରହିଛି ବିଜ୍ଞାନ ଓ ମନୋବିଜ୍ଞାନର ବାର୍ତ୍ତା

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତାଗୁଡ଼ିକରେ ପ୍ରକୃତିର ବର୍ଣ୍ଣନା, ସାମାଜିକ ପରିବର୍ତ୍ତନ, ଅଧ୍ୟାତ୍ମିକ ଚେତନାର ବାର୍ତ୍ତା ରହିଛି, ଯାହା ଆଜି ସମାଜରେ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ ହୋଇଛି। ଗଙ୍ଗାଧର ମେହେର ଏଭଳି ଜଣେ କବି ଯାହାଙ୍କ ଚରନାରେ ବିଜ୍ଞାନ ଓ ମନୋବିଜ୍ଞାନର ବାର୍ତ୍ତା ରହିଥିଲା ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ ବକ୍ତାମାନେ କହିଥିଲେ। ଏସ୍‌ୟୁ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଗୁରୁବାର ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ମୁଖ୍ୟଅତିଥି ଓ ବିଶିଷ୍ଟ ସାହିତ୍ୟିକ ଦେବେନ୍ଦ୍ର କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କୁଳସଚିବ ଡ. ନୃପରାଜ ସାହୁ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏ ଅବସରରେ ଭାରତ ଚନ୍ଦ୍ର ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୧୯ ବର୍ଷ ପାଇଁ ଡ. ଗୌରହରି ଦାଶ, ୨୦୨୦ ପାଇଁ ଡ. ସତ୍ରୁଘ୍ନ ପାଣ୍ଡବ, ୨୦୨୧ ପାଇଁ ରାମକୃଷ୍ଣ ସାହୁଙ୍କୁ ସମ୍ମାନିତ କାଯାଇଥିଲା। ସେହିପରି ଡ. ନିଳମାଧବ ପାଣିଗ୍ରାହୀ ବାର୍ଷିକ ସମ୍ମାନ ୨୦୧୯ ବର୍ଷ ପାଇଁ ଭିକାରୀ ପ୍ରଧାନ, ୨୦୨୦ ପାଇଁ ସୁଭାଷ ମେହେର ଓ ୨୦୨୧ ପାଇଁ ଡ. ଗୋବର୍ଦ୍ଧନ ସାହୁଙ୍କୁ ପ୍ରଦାନ କରାଯାଇଥିଲା।


ଉତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି ।

## ବ୍ଲକ ଫେଡେରେଶନ ତିଆରି କଲା ୪୦ହଜାର ତ୍ରିରଙ୍ଗା

**କୁଚିଣ୍ଡା,୧୧।୮(ଡି.ଏନ.ଏ.)**

କୁଚିଣ୍ଡାରେ ଓଡ଼ିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟ କରୁଥିବା କୁଚିଣ୍ଡା ବ୍ଲକ ଫେଡେରେଶନ ପକ୍ଷରୁ ୪୦ହଜାର ତ୍ରିରଙ୍ଗା ପତାକା ତିଆରି ଶେଷ ହୋଇଛି। ସମ୍ବଲପୁର ଜିଲା ପ୍ରଶାସନ ତରଫରୁ ବ୍ଲକ ଫେଡେରେଶନକୁ ତ୍ରିରଙ୍ଗା ତିଆରି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫେଡେରେଶନ ଅଧୀନରେ ଥିବା ଜମନକିରା-ବି'ର ଅପର୍ଣ୍ଣା ଏସ୍‌ଏସ୍‌ଜି ଓ ଶ୍ରୀଲକ୍ଷ୍ମୀ ଏସ୍‌ଏଚ୍‌ଜି, ଅର୍ଡାବାହାଲ ପିଜି ଗ୍ରୁପ, ଲାଡର ଚର୍ଚ୍ଚିକା ଏସ୍‌ଏଚ୍‌ଜି, ଟାଇଁସରର ବସୁଧା ଏସ୍‌ଏଚ୍‌ଜି ଆଦିଙ୍କ ସହଯୋଗ କ୍ରମେ ଚାଳିଶ ହଜାର ତ୍ରିରଙ୍ଗା ପତାକା ତିଆରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାକୁ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ଫେଡେରେଶନ ସଭାନେତ୍ରୀ ରମିତା ଚୌଧୁରୀ ପ୍ରକାଶ କରିଛନ୍ତି। ଏହାସହ ହର୍ ଘର ତ୍ରିରଙ୍ଗା ପାଇଁ କୁଚିଣ୍ଡା ବ୍ଲକ ଫେଡେରେଶନକୁ ଦାୟିତ୍ୱ ଦିଆଯାଇଥିବାରୁ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ହର୍ ଘର ତ୍ରିରଙ୍ଗା ପାଇଁ ପ୍ରସ୍ତୁତି ବୈଠକ

**ବ୍ରଜରାଜନଗର,୧୧।୮(ଡି.ଏନ.ଏ.)**

ଝାରସୁଗୁଡ଼ା ବ୍ଲକ ରାଜପୁର ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଓରିଏଣ୍ଟ ଏରିଆ ଓ ରାଜପୁର ପଞ୍ଚାୟତରେ ଆଜାଦୀ କା ଅମୃତ ମହୋତ୍ସବ ଓ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଅଧ୍ୟକ୍ଷତା କରିଥିଲେ। ଏମ୍‌ସିଏଲ୍ ଓରିଏଣ୍ଟ ଏରିଆ କାର୍ମିକ ଅଧିକାରୀ ପ୍ରକାଶ ସୋନୀ, କମଲ ଲୋଚନ ନାୟକ, ରାଜପୁର ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏମ୍‌ସିଏଲ୍ ଓରିଏଣ୍ଟ ଏରିଆ ତରଫରୁ ୪୦୦ ତ୍ରିରଙ୍ଗା ପତାକା ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଗ୍ରାହକ ସେବା ଯୋଗାଇବା ମୂଳ ଲକ୍ଷ୍ୟ

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସମ୍ବଲପୁର ଜୋନ ଅନ୍ତର୍ଗତ ଭୁକ୍ତାରେ ୟୁକୋ ବ୍ୟାଙ୍କର ଏକ ନୂତନ ଶାଖା ଗୁରୁବାର ଉଦ୍‌ଘାଟିତ ହୋଇଛି। ସିଇଓ ସୋମସଶଙ୍କର ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପରେ ସମ୍ବଲପୁରର ଏକ ହୋଟେଲରେ ଜୋନ୍‌ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୋନର ଶାଖା ପରିଚାଳକ ଓ ଗ୍ରାହକମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ଗ୍ରାହକ ସେବା ଉପରେ ଆଲୋଚନା କରିଥିଲେ। ଶାଖା ପରିଚାଳକ ଋଣ ଦେବା ଓ ପରିଶୋଧ ସରଳିକୃତ କିଭଳି ହେବ ସେ ନେଇ ସଚେତନ କରିଥିଲେ। ସିଇଓ ପ୍ରସାଦ ଗଣ ମାଧ୍ୟମକୁ ସୂଚନା ଦେଇ କହିଥିଲେ, କୋଭିଡ୍ ସମୟରେ ଡିଜିଟାଲ ବ୍ୟାଙ୍କ ସେବା ବୃଦ୍ଧି ପାଇଛି। ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି। ଗ୍ରାହକ ସେବା ଯୋଗାଇଦେବା ଓ ସାଇବର ଅପରାଧ ରୋକିବା ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ବୋଲି ସେ କହିଥିଲେ।

## ଜ୍ୟୋତିବିହାରରେ ବିଶ୍ୱ ଆଦିବାସୀ ଦିବସ

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ପରିସରରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଲୋକନୃତ୍ୟ ଗବେଷିକା ସୁପ୍ରିତି ମିଶ୍ର ଯୋଗଦେଇ ମାଦଳି ଲୋକନୃତ୍ୟ ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ । ମନ୍ଦନା ମେହେର ବକ୍ତବ୍ୟ ରଖିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉତ୍କର୍ଷତା, ଆଞ୍ଚଳିକ ବିକାଶ ଓ ଆଦିବାସୀ ଅଧ୍ୟୟନ କେନ୍ଦ୍ର ଆୟୋଜନରେ ଆଲୋଚନା ଚକ୍ର ହୋଇଥିଲା।

## ନାଳରେ ଭାସିଯାଇ ବୃଦ୍ଧାଙ୍କ ମୃତ୍ୟୁ

**ନାକଟିଦେଉଳ,୧୧।୮(ଡ଼ି.ଏନ.ଏ.):** ନାକଟିଦେଉଳ ଥାନା ମୁଷାକାନୀ ଗ୍ରାମ ପଣସଡିପ ସାହିର ଜଣେ ବୃଦ୍ଧା ନାଳରେ ଭାସିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ସ୍ୱର୍ଗତ ସୁଦର୍ଶନ ଶବରଙ୍କ ସ୍ତ୍ରୀ ରେଞ୍ଚି ଶବର(୬୦)। ସୂଚନା ଅନୁସାରେ ରେଞ୍ଚି ଗ୍ରାମ ନିକଟ ପଥରବସା ନାଳରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ବଢି ପାଣିରେ ଭାସି ଯାଇଥିଲେ। ସାହିର ଅନ୍ୟ ମହିଳାମାନେ ପ୍ରାୟ ୧୦୦ମି. ଦୂରରେ ତାଙ୍କ ଶାଢୀ ଭାସୁଥିବା ଦେଖି ସନ୍ଦେହରେ ଗ୍ରାମରେ ଖବର ଦେଇଥିଲେ। ସାହି ଲୋକେ ପହଞ୍ଚି ପାଣି ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ନାକଟିଦେଉଳ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର

**ଅମରପାଲି,୧୧।୮(ଡି.ଏନ.ଏ.):** ଲଗାଣ ବର୍ଷାରେ ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ବଡମାଳ ଗ୍ରାମର କୁମର ପଧାନ ଓ ଅମରପାଲି ଗ୍ରାମର ଲବ କମିଲଙ୍କ ଘର ଭାଙ୍ଗିଛି। ସେହିପରି ଉଲୁଣ୍ଡା ବ୍ଲକ କୋଟସମଲାଇ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ୨ବଖରା ଭୁଶୁଡ଼ିଛି।

## କାନ୍‌ଭାସରେ ସ୍ୱଚ୍ଛ ସମ୍ବଲପୁର

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସପ୍ତରଙ୍ଗ ଓ ସୂକ୍ଷ୍ମ ତୁଳିର ସ୍ପର୍ଶରେ କ୍ୟାନଭାସ ଜୀବନ୍ତ ହୋଇ ଉଠିଥିଲା। ଚିତ୍ର ଶିଳ୍ପୀମାନେ ସ୍ୱଚ୍ଛ ସମ୍ବଲପୁର ଓ ସୁସ୍ଥ ସମ୍ବଲପୁର ଚିତ୍ର ଆଙ୍କି ସମାଜକୁ ସଚେତନତାର ବାର୍ତ୍ତା ଦେଇଛନ୍ତି। ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। ମହାନଗର ନିଗମର ବିଭିନ୍ନ ଅଞ୍ଚଳରୁ କନିଷ୍ଠ ଓ ବରିଷ୍ଠ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ମହାନଗର ନିଗମ ଆୟୁକ୍ତ ପ୍ରଦୀପ କୁମାର ସାହୁ ଓ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ।


ଚିତ୍ରକଳା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## ରାଉରକେଲାରେ କଂଗ୍ରେସର ଗୌରବ ଯାତ୍ରା

**ରାଉରକେଲା ଅଫିସ,୧୧।୮**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ରଖିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା ସ୍ୱାଧୀନତାର ଗୌରବ ଯାତ୍ରା ଗୁରୁବାର ତୃତୀୟା ଦିନରେ ପହଞ୍ଚିଛି। ଏହି ଅବସରରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଶତାଧିକ କର୍ମୀ ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରରୁ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରା ଜିଲା କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଦଳୀୟ କର୍ମୀମାନେ ତ୍ରିରଙ୍ଗା ଧରି ସହରର ବିଭିନ୍ନ ସେକ୍ଟର ବୁଲିଥିଲେ। ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ପ୍ରଭାତ ମହାପାତ୍ର, ପ୍ରଶାନ୍ତ ସେଠୀ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ରାମାନନ୍ଦ ଶ୍ରୀଚନ୍ଦନ, ସୁନୀଲ ପଟ୍ଟନାୟକ, ଧୁସା ନାୟକ, ସବୀର ହୁସେନ, ଗଣେଶ ପ୍ରଧାନ, ରଶ୍ମିରଞ୍ଜନ ପାଢୀ, ଲତା ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଷ୍ଟିଲସିଟିରେ ଅଜନ୍ତା ସର୍କସର ଶୁଭାରମ୍ଭ



ଆର୍‌କେଏଲ୍-ଅତିଥିମାନେ ଫିତା କାଟି ସର୍କସକୁ ଉଦ୍‌ଘାଟନ କରୁଛନ୍ତି।

**ରାଉରକେଲା ଅଫିସ,୧୧।୮**

ରାଉରକେଲା ସହର ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଅଜନ୍ତା ସର୍କସର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆର୍‌ଏସ୍‌ପି ସହରସେବା ବିଭାଗର ସିଜିଏମ୍ ଅଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ସର୍କସକୁ ଉଦ୍‌ଘାଟନ କରିଥିଲେ। ଆର୍‌ଏସ୍‌ପି ସହରସେବା ଜିଏମ୍ ପି. କେ. ଦାସ, ବାସୁଦେବ ମଲ୍ଲିକ, ସାମାଜିକ କର୍ମୀ ଆନନ୍ଦ ମହାନ୍ତି, ରଘୁନାଥପାଲି ନଗର ସଭାପତି ଆର୍ତ୍ତତ୍ରାଣ ମହାରଣା ଓ ଓକିଲ ସଂଘର ପୂର୍ବତନ ସଭାପତି ରମେଶ ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାରା ଭାରତରେ ଦୀର୍ଘ ୫୦ ବର୍ଷ ଧରି ବିଭିନ୍ନ ଖେଳ ଦେଖାଇ ଆସୁଥିବା ଅଜନ୍ତା ସର୍କସ ରାଉରକେଲା ସହରରେ ୪୦ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ସର୍କସରେ ବିଶେଷ କରି ଶୂନ୍ୟରେ ଦୋଳି ଖେଳ, ମଣିପୁରୀ କଳାକାରମାନଙ୍କ ଦ୍ୱାରା ଜିମ୍ନାଷ୍ଟିକ ଖେଳ, ଝିଅମାନଙ୍କ ଦ୍ୱାରା ବିଭିନ୍ନ ସାଇକେଲ ଚାଳନା, ଘୋଡା ଉପରେ ରଣକୌଶଳ ପ୍ରଦର୍ଶନ, ରିଂ ଡ୍ୟାନ୍ସ ଭଳି ବହୁ ଆକର୍ଷଣୀୟ ଖେଳ ପ୍ରଦର୍ଶନ ହୋଇଥିଲା। ଏହି ସର୍କସରେ ଦିନକୁ ୩ଟି ଶୋ ଯଥାକ୍ରମେ ଅପରାହ୍ନ ୧ଟା, ୪ଟା ଓ ସନ୍ଧ୍ୟା ୭ଟା ସମୟରେ ଚାଲିବ। ସର୍କସରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଶେଷ ରିହାତି ରହିଥିବାବେଳେ ଟିକେଟ ମୂଲ୍ୟ ଶହେ ଟଙ୍କାରୁ ଆରମ୍ଭ କରି ୩ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସୁନ୍ଦରଗଡ଼ ଜିଲା ତଥା ସହରବାସୀ ଉକ୍ତ ସର୍କସରେ ଯୋଗଦେଇ ବିଭିନ୍ନ ରଣକୌଶଳ ଖେଳ ଦେଖି ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ସର୍କସ ପରିଚାଳକ ବୈକୁଣ୍ଠ ନାଥ ପାତ୍ର ଅନୁରୋଧ କରିଛନ୍ତି।

**ନବ ପ୍ରଭାତ ଆଶ୍ରମରେ ରକ୍ଷା ବନ୍ଧନ ପାଳନ**

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡାସ୍ଥିତ ନବ ପ୍ରଭାତ ମୁକ୍ତ ଆଶ୍ରମରେ ଗୁରୁବାର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମରେ ଜିଲାର ବିଭିନ୍ନ ଗ୍ରାମର ଅନାଥ ଶିଶୁମାନଙ୍କୁ ଥଇଥାନ କରାଯାଇଛି। ଏହି ଶିଶୁମାନେ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ। ଝିଅମାନେ ଆଶ୍ରମରେ ଥିବା ଭାଇମାନଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଆଶ୍ରମ ପକ୍ଷରୁ ରାକ୍ଷୀ, ମିଠା ଓ ପୂଜା ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ କରି ଶିଶୁମାନେ ବେଶ ଖୁସି ଅଛନ୍ତି ବୋଲି ଅନୁଷ୍ଠାନ ମୁଖ୍ୟ ପ୍ରିୟଙ୍କା ସିଂ କହିଛନ୍ତି।



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଭଉଣୀଙ୍କ ମୃତ୍ୟୁ

- ଭାଇଙ୍କୁ ରାକ୍ଷୀ ବାନ୍ଧି ଫେରୁଥିଲେ
- ଆଖି ଲୁହରେ ଭିଜିଲା ରାକ୍ଷୀ

ଭବାନୀପାଟଣା,୧୧।୮(ସ୍ୱ.ପ୍ର.): କଳାହାଣ୍ଡି ଜିଲାରେ ଗୁରୁବାର ରାଖୀ ପୂର୍ଣ୍ଣିମା ପାଇଁ ଚାରିଆଡେ ହର୍ଷଉଲ୍ଲାସ ରହିଥିବାବେଳେ ଏହି ସମୟରେ ଜିଲାର ଭବାନୀପାଟଣାରେ ଏକ ଅଭାବନୀୟ ଘଟଣା ସାମାନାକୁ ଆସିଛି। ଭାଇଙ୍କୁ ରାକ୍ଷୀ ବାନ୍ଧି ଫେରୁଥିବା ବେଳେ ସହର ଘୋଡାଘାଟ ଛକ ନିକଟରେ ଟ୍ରକ୍ ଧକ୍କାରେ ଭଉଣୀଙ୍କ ମୃତ୍ୟୁ ହୋଇଛି। ମୃତ ଭଉଣୀ ଜଣକ ହେଲେ ଥୁଆମୂଳ ରାମପୁର ବ୍ଲକ ଲିଟିମସ୍କା ଗ୍ରାମର ରଚନା ମାଝି। ଅପରାହ୍ଣରେ ଭବାନୀପାଟଣା ବିବିସି ପଡାରେ ରହୁଥିବା ଭାଇ ଡମ୍ବରୁଧର ମାଝିଙ୍କୁ ରାକ୍ଷୀ ବାନ୍ଧି ସ୍ୱାମୀଙ୍କ ସହିତ ବାଇକ୍‌ରେ ଫେରୁଥିଲେ। ଘୋଡାଘାଟ ଛକ ନିକଟରେ ଏକ ଟ୍ରକ୍ ସହିତ ତାଙ୍କର ଧକ୍କା ହୋଇଥିଲା। ଫଳରେ ରାସ୍ତାରେ ଛିଟିକି ପଡି ରଚନା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଫେରାର ହୋଇଥିବା ଜଣାପଡିଛି।

### ଜିଲା କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବ ଯାତ୍ରା




ବୋଡେନ,୧୧।୮(ଡି.ଏନ.ଏ.): ନୂଆପଡା ଜିଲା କଂଗ୍ରେସ ପକ୍ଷରୁ ବୋଡେନ ବ୍ଲକ ରୋକାଲ ଗ୍ରାମଠାରୁ କରଙ୍ଗାମାଲ ପର୍ଯ୍ୟନ୍ତ ସ୍ୱାଧୀନତାର ଗୌରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଦେଶରେ ଦେଖାଦେଇଥିବା ବେକାରୀ ସମସ୍ୟା, ଅତ୍ୟବଶ୍ୟକ ଖାଦ୍ୟ ସମଗ୍ରୀ ଉପରୁ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ପ୍ରତ୍ୟାହାର, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି, ସମସ୍ତ ପ୍ରକାର ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରତ୍ୟାହାର ଓ ଜିଲା ଭିତ୍ତିକ ନିଯୁକ୍ତି ଦାବିରେ ଜିଲା କଂଗ୍ରେସ କମିଟି ପକ୍ଷରୁ ବୋଡେନ ବ୍ଲକ କଂଗ୍ରେସ ସହଯୋଗରେ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ନେତୃତ୍ୱ ନେଇଥିଲେ। ପଦଯାତ୍ରା ଓ ପଥପ୍ରାନ୍ତ ସଭାରେ ବ୍ଲକ କଂଗ୍ରେସ ସଭାପତି ହିରାଲାଲ ମାଝି, ପିସିସି ସଭ୍ୟ ଫାରୁକ ମହମ୍ମଦ, ଲିଙ୍ଗରାଜ ଘିଭେଲା, ବରିଷ୍ଠ ନେତା ସୁରେନ୍ଦ୍ର ନିଆଲ, ସୌଦାଗର ସାହୁ, ରାମ ବେହେରା, ଅକ୍ଷୟ ନନ୍ଦ, ଖଡିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଜିଲା ଓବିସି ସେଲ୍ ସଭାପତି ହିରାଧର ମେହେର, ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ଜିଲା ମୁଖପାତ୍ର ବିଭୁଦତ୍ତ ଯୋଷୀ, ଯୁବ କଂଗ୍ରେସ ଝମ୍ପେଶ୍ୱର ସଲମା, ଅଫତାବ ଖାନ, ରାଜେଶ ନାଗ, ଚନ୍ଦ୍ର ଶେଖର ତାଣ୍ଡି, ସାଗର ଭୋଇ, ବରୁଣ ସୁନା ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ କର୍ମୀ ଯୋଗଦାନ କରିଥିଲେ।

# କାମ କରିବାକୁ ଯାଇ ୮ ଯୁବତୀ ନିଖୋଜ

- ଅପହରଣ ନେଇ ପରିବାରବର୍ଗଙ୍କ ଅଭିଯୋଗ
- ଜୁଲାଇ ୨୯ରେ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ

ନୂଆପଡ଼ା ଅଫିସ,୧୧।୮

ନୂଆପଡା ଜିଲାରେ କୌଣସି କାମଧନ୍ଦା ମିଳୁନାହିଁ। ଫଳରେ ବେକାର ଯୁବତୀଯୁବକ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇ ଠକାମିର ଶିକାର ହେବା ସହିତ ନିର୍ଯାତିତ ହେଉଥିବା ଅନେକ ଅଭିଯୋଗ ସାମ୍ନାକୁ ଥିବାବେଳେ ଏବେ ପୁଣି ଏପରି ଏକ ଘଟଣା ଉପାନ୍ତ ବୋଡେନ ଥାନା ନାଗପଡା ପଞ୍ଚାୟତରେ ଘଟିଛି। ସୂଚନା ମୁତାବକ ଜିଲାର ବୋଡେନ ବ୍ଲକ ଏକ ଉପାନ୍ତ ଆଦିବାସୀବହୁଳ ଅଞ୍ଚଳ। ଏଠିକାର ଲୋକେ ଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି। ଯେତେବେଳେ ଖାଦ୍ୟ ନିଅଣ୍ଟ ହୁଏ, ସେତେବେଳେ ବାଧ୍ୟ ହୋଇ ମୋଟା ଅଙ୍କର ଟଙ୍କା ପ୍ରଲୋଭରେ ପଡ଼ି ପ୍ରବାସୀ ଶ୍ରମିକ ଭାବେ ଚାଲାଣ ହୋଇଥାନ୍ତି।

ସୂଚନା ଯେ, କୋମନା ଥାନା ସୁନାବେଡା ଗାଁର ଶ୍ରମିକ ଦଲାଲ ଜୟପାଲ ପୂଝାରୀ ୨୦୨୨ ଜୁଲାଇ ୨୯ରେ ନାଗପଡା ଗ୍ରାମର ୮ଜଣ ଯୁବତୀଙ୍କୁ ପରିବାର ଲୋକଙ୍କ ଅନୁପସ୍ଥିତିରେ ଗାଁର ମଧ୍ୟସ୍ଥି ଦଲାଲ ସାହାଯ୍ୟରେ ଆନ୍ଧ୍ରପ୍ରଦେଶର ତ୍ରିପୁରା ସହର ଏକ କମ୍ପାନୀରେ କାମ ଯୋଗାଇ ଦେବା ପାଇଁ ପ୍ରଲୋଭ ଦେଖାଇ ନେଇଯାଇଥିଲେ। ସମ୍ପୃକ୍ତ ଯୁବତୀମାନଙ୍କ ସହିତ ପରିବାର ଲୋକେ ୧୦ ଦିନ ହେବ ଯୋଗାଯୋଗ ହୋଇପାରୁନାହିଁ। ସେମାନେ କେଉଁଠି, କେମିତି ଅଛନ୍ତି ଏହି ଚିନ୍ତାରେ ଘର ଚୂଲି ଜଳୁନାହିଁ। ପରିବାର ସୂଚନା ଅନୁସାରେ ୮ଜଣଙ୍କ ମଧ୍ୟରୁ ୩ଜଣ ଫେରୁଥିବା ବେଳେ ଏଯାଏ ଘରେ ପହଞ୍ଚିନାହାନ୍ତି। ଆଉ ୫ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ୩ଜଣଙ୍କ କୌଣସି ଖବର ମିଳୁନାହିଁ। ଏ ସମ୍ପର୍କରେ ଶ୍ରମିକ ଦଲାଲଙ୍କୁ ଯୋଗାଯୋଗ କଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଫଳରେ ସମ୍ପୃକ୍ତା ଯୁବତୀଙ୍କ ପରିବାର ପକ୍ଷରୁ ବାଧ୍ୟ ହୋଇ ବୋଡେନ ଥାନାରେ ଅପହରଣ ନେଇ ଲିଖିତ ଅଭିଯୋଗ କରାଯାଇଛି। ଦିନକୁ ଦିନ ଏପରି ଘଟଣା ଘଟୁଥିଲେ ମଧ୍ୟ ଜିଲା ଶ୍ରମ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନେଉନାହାନ୍ତି। ଏ ସଂକ୍ରାନ୍ତରେ ବୋଡେନ ଥାନାଧିକାରୀ ସୁଦର୍ଶନ ନାୟକଙ୍କୁ ପଚାରିବାରୁ ୮ଜଣଙ୍କ ମଧ୍ୟରୁ ୩ଜଣ ଯୁବତୀ ଘରକୁ ଫେରି ଆସିଛନ୍ତି। ୨ ଯୁବତୀ କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ୩ଜଣ ଯୁବତୀ ପରିବାର ସହିତ ଫୋନରେ କଥା ହେଉଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୯୧/୨୨) ରୁଜୁ କରି ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।



ଭାଜପା ପକ୍ଷରୁ ହର୍‌ଘର୍ ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା ସଚେତନତା ଶୋଭାଯାତ୍ରା।

# ହର୍ ଘର୍ ତ୍ରିରଙ୍ଗା ସଚେତନତା କାର୍ଯ୍ୟକ୍ରମ

କୋକସରା,୧୧।୮(ଡି.ଏନ.ଏ.)

ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ବାର୍ତ୍ତା ଦେବା ପାଇଁ ଗୁରୁବାର କଳାହାଣ୍ଡି ଜିଲା କୋକସରା ବ୍ଲକ ଭାଜପା କର୍ମକର୍ତ୍ତାମାନେ ବ୍ଲକ ସଦର ମହକୁମାଠାରେ ଏକ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଘରେ ଘରେ ଆଜାଦି କା ଅମୃତ ମହୋତ୍ସବ ପାଳନ କରିବା ସହ ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ ସଚେତନ କରାଯାଇଛି। ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, ଧର୍ମଗଡ ମଣ୍ଡଳ ନଗର ସଭାପତି ହରେକୃଷ୍ଣ ପଣ୍ଡା, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ସମ୍ପାଦକ ତ୍ରିନାଥ ଶବର, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ମୋଟେର ମଣ୍ଡଳ ସଭାପତି ସୟମ୍ବର ବାଗ, ମଣ୍ଡଳ ପ୍ରଭାରି କୋକସରା ଗରୁଡ଼ ଧଜ ମାଝି, ଜିଲା ସଦସ୍ୟ ନରେନ୍ଦ୍ର ପ୍ରଧାନୀ, ଆଦିବାସୀ ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଓବିସି ମୋର୍ଚ୍ଚା ସଭାପତି କ୍ଷେତ୍ର ମୋହନ ବାଗଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ପଲ୍ଲୀ ବିକାଶ ସଙ୍ଗଠନର ପ୍ରତିଷ୍ଠା ଦିବସ

ଖଡ଼ିଆଳ,୧୧।୮(ଡି.ଏନ.ଏ.)

ନୂଆପଡା ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲୀବିକାଶର ୨୧ତମ ପ୍ରତିଷ୍ଠା ଦିବସ ଖଡ଼ିଆଳ ପାଟଣା କ୍ଷତ୍ରୀୟ ସମାଜ ଭବନରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ମୁଖ୍ୟବକ୍ତା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ଫଣିଦମ ସିଂଦେଓ, ସମ୍ମାନିତ ଅତିଥି ବରିଷ୍ଠ ସାମାଜିକ କର୍ମୀ ଅଜିତ ପଣ୍ଡା, ବ୍ଲକ କୃଷି ଅଧିକାରୀ ଯୁକ୍ତ ସଞ୍ଜୟ ପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ଭବାନୀ ଶଙ୍କର ପଣ୍ଡା, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ସୁଶ୍ରୀ ଆରାଧନା ଶବର, କ୍ଷୁଦ୍ର ଜଳ ସେଚନ ବିଭାଜନ ଖଡ଼ିଆଳ ଯନ୍ତ୍ରୀ ନିତୁ ପାନ, ଲୋୟାର ଇନ୍ଦ୍ର ଜଳ ପ୍ରକଳ୍ପ ଅଧିକାରୀ ସୌରଭ ସାହୁ, ଶାଖା ପରିଚାଳନା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଅଭିଳାଷ ଗୁରୁ, ସମ୍ମାନିତ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ। ପଲ୍ଲୀ ବିକାଶ ସମ୍ପାଦକ ସୁରେଶ କୁମାର ରାଉତ ସଭାପତିତ୍ୱ ସହଦେ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପଲ୍ଲୀବିକାଶ ପକ୍ଷରୁ ସଫଳତା ଅର୍ଜନ କରିଥିବା ୪୦ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର



ଲଗାଣ ବର୍ଷାରେ ଭାଙ୍ଗିଥିବା ଏକ ଘର।

ନୂଆପଡ଼ା ଅଫିସ,୧୧।୮

ଲଘୁଚାପ ଜନିତ ଲଗାଣ ବର୍ଷାରେ ନୂଆପଡ଼ା ଜିଲା ଅଧିକାଂଶ ଲୋକଙ୍କ ଧନଜୀବନ ପ୍ରଭାବିତ ହୋଇଛି। ଅତ୍ୟଧିକ ବର୍ଷା ଯୋଗୁ ନୂଆପଡା ସଦର ମହକୁମାରୁ ଛତିଗଡ ସଂଯୋଗ କରୁଥିବା ସାରାବଙ୍ଗ ପୋଲ ଭାଙ୍ଗି ପଡିଥିବା ବେଳେ ସିନାପାଲି ବ୍ଲକ ସାଲେପଡା ରାସ୍ତା ଉପରେ ନିର୍ମାଣାଧୀନ ପୋଲର ଉଭୟ ପାର୍ଶ୍ୱରେ ମାଟି ଧୋଇ ଯାଇଛି। ଫଳରେ ଯାତାୟାତରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ପାହାଡ ତଳିଆ ଜମି ଓ ନଦୀକୂଳ ଜମିଗୁଡ଼ିକରେ ବାଲିଚର ହୋଇ ବିଭିନ୍ନ ଫସଲ ନଷ୍ଟ ହୋଇଛି। ନଇ ନାଳ ପାଣି ଯାଇ ବଡ ବଡ ଘାଇ ସୃଷ୍ଟି ହୋଇଥିବା ବେଳେ ଏହା ସହିତ ଜିଲାରେ ଥିବା ମାଟି ରାସ୍ତାଗୁଡିକ ଲଗାଣ ବର୍ଷାରେ ଧୋଇହୋଇ କାଦୁଅରେ ପଚ ପଚ କରୁଛି। ଜିଲାରେ ଆଧିକାଂଶ ଗାଁରେ ଘର ଭାଙ୍ଗି ଯାଇଥିବାରୁ ଲୋକେ ବେସାହାରା ହୋଇପଡିଛନ୍ତି। ସିନାପାଲି ବ୍ଲକ ଚଚରାଭଟା ଗାଁର ବିଧବା ମହିଳା ସାବେତ୍ରୀ ବାଗ ଓ କୋମନା ବ୍ଲକ ତରବୋଡ ଗାଁର ମଦନା ବେମାଲଙ୍କ ଘର ଭାଙ୍ଗି ପଡିଛି। ଜଟଗଡ ଗାଁର ଗଣ୍ଡାରାମ ମଝି, ଗୋବର୍ଦ୍ଧନ ବନଛୋର ଓ ଖୋଲାନେତ୍ର ନାଗଙ୍କ ଘର ମଧ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସରକାରୀ ସହାୟତା ପାଇଁ ଦାବି ହୋଇଛି।

# ଯୁଗ ଯାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ମେହେର ଜୟନ୍ତୀ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ମ,ରାମପୁର,୧୧।୮(ଡି.ଏନ.ଏ.)

**ଗଙ୍ଗାଧର ସାହିତ୍ୟ ଅନେକ ଦର୍ଶନର ସମ୍ଭାର**

ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଅନେକ ଦର୍ଶନର ସମ୍ଭାର। କେବଳ ପ୍ରକୃତି ପ୍ରାଣରେ ଜୀବ ସଞ୍ଚାର କରି ନାହାନ୍ତି କବି। ଏଥି ବ୍ୟତିରେକ ଅନେକ ଜୀନ ଦର୍ଶନ ରହିଛି ତାଙ୍କ ସାହିତ୍ୟ ସମୂହ ବୋଲି କଳାହାଣ୍ଡିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗ ଯାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ମ.ରାମପୁରଠାରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାହିତ୍ୟ ସଂସଦ ସଭାପତି ପଦ୍ମ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଗବେଷକ ଉମାଶଙ୍କର କର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦାଶରଥି ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ପାଦକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଆୟୋଜିତ କବିତା ଆସର ସରସ୍ୱତୀ ମିଶ୍ର ସଂଯୋଜନା କରିଥିଲେ। ବରିଷ୍ଠ କବି ପଦ୍ମ ଲୋଚନ ମିଶ୍ର, ବୀରେନ୍ଦ୍ର ରଥ, ଚମରା ବଗର୍ତ୍ତୀ, ପୀତାମ୍ବର ଗଉଡ, ଅରୁଣ ପ୍ରଧାନୀ, ସତ୍ୟ ନାରାୟଣ ସାହୁ, ତପନ କୁମାର ସାହୁ, କାହ୍ନୁଚରଣ ସାହୁ, ଦୁଲେଶ୍ୱର ସାହୁ, ଭାଗିରଥୀ ଷଡ଼ଙ୍ଗୀ (ସୁରୁ), କୀର୍ତ୍ତନ ଘିଭେଲା, ହେମନ୍ତ ସାହୁ, ମାନସ ରଞ୍ଜନ ପ୍ରହରାଜ, ଉଦୟ ନାୟକ, ଡ. ଅଜିତ କୁମାର ବେହେରା ପ୍ରମୁଖ କବିତା ପାଠ କରିଥିଲେ। ଡ. ଅଜିତ କୁମାର ବେହେରା ଏବଂ ଡ. କୌତୁକ ପନ୍ଦରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମାନପତ୍ର ପାଠ କରିଥିଲେ ପରମାନନ୍ଦ ବିଶି ଏବଂ ନାରାୟଣ ମହାଲିକ। ପ୍ରାଥମିକ ବିଦ୍ୟାଳୟଠାରୁ ମହାବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସୁଶାନ୍ତ ମିଶ୍ର। ସଂସଦ ଉପସଭାପତି ସୁରେନ୍ଦ୍ର ମହାଖୁଡ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଜ୍ଞା ବାହିନୀର ସାମୂହିକ ରକ୍ଷା ବନ୍ଧନ

ଭବାନୀପାଟଣା,୧୧।୮(ସ୍ୱ.ପ୍ର.)




ପ୍ରଜ୍ଞା ବାହିନୀର ସାମୂହିକ ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପ୍ରଜ୍ଞା ବାହିନୀ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଭବାନୀପାଟଣା କଳାହାଣ୍ଡି ଲେଖକ କଳା ପରିଷଦଠାରେ ଗୁରୁବାର ଅପରାହ୍ଣରେ ସାମୂହିକ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଜ୍ଞା ବାହିନୀ ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ବିଶିଷ୍ଟ ଗାଳ୍ପିକା ଦେବହୁତି କର, ଶିକ୍ଷାବିତ ସୁନନ୍ଦା ପଣ୍ଡା, ସାମାଜିକ କର୍ମୀ କ୍ରିଷ୍ଣା ମୁଣ୍ଡ, ପ୍ରମିଳା ମିଶ୍ର, ପଦ୍ମିନୀ ପଣ୍ଡା ଓ ସୁନନ୍ଦା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା ଓ ରାକ୍ଷୀ ଅର୍ପଣ କରିବା ପରେ ପ୍ରଜ୍ଞା ବାହିନୀର ମା'ଓ ଭଉଣୀମାନେ ଉପସ୍ଥିତ ସମସ୍ତ ଭାଇ ଓ ଗୁରୁଜନମାନଙ୍କୁ ବନ୍ଦାପନା କରି ରାକ୍ଷୀ ବାନ୍ଧିଥିଲେ। ପରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ବ୍ରାହ୍ମଣ ସମାଜ କଳାହାଣ୍ଡି ଜିଲା ସଭାପତି ଜଗନ୍ନାଥ ମୁଣ୍ଡ, ଉପସଭାପତି ଜନାର୍ଦ୍ଦନ ପଣ୍ଡା ଓ ଗଜେନ୍ଦ୍ର ପ୍ରସାଦ ପାଢ଼ୀ ଅଭିଭାଷଣ ପ୍ରଦାନ କରି ଉପସ୍ଥିତ ମା'ଓ ଭଉଣୀମାନଙ୍କୁ ରକ୍ଷା ବନ୍ଧନର ଅଭିନନ୍ଦନ ଜଣାଇଥିଲେ। ଗୁରୁ ସୁଧୀର ପଣ୍ଡା ଓ ଗୁରୁ ନରେନ୍ଦ୍ର ପଣ୍ଡାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସସ୍ମିତା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ବ୍ରାହ୍ମଣ ସମାଜ ଜିଲା ସାଧାରଣ ସମ୍ପାଦକ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବନଶ୍ରୀ ଦାଶ ଅତିଥି ପରିଚୟ ଓ ସୁଦେଷ୍ଣା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡିର କୋଷାଧକ୍ଷ କ୍ଷୀରୋଦ ନେଗୀ, ଜିଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ ଠାକୁର, ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ଶେଷଦେ ମିଶ୍ର, ରବୀନ୍ଦ୍ର ପଣ୍ଡା, ପ୍ରଜ୍ଞା ବାହିନୀ ସଦସ୍ୟା ସୁରମା ପଣ୍ଡା, ଚାରୁଲତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜା ଅନୁପ ସିଂହ ଫୁଟ୍‌ବଲ: ଭୋଜପୁର ବିଜୟୀ

ଖଡ଼ିଆଳ,୧୧।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ରାଜାଏଟି ଖେଳ ପଡିଆଠାରେ ଚାଲିଥିବା ୧୩ତମ ରାଜା ଅନୁପ ସିଂହ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ତୃତୀୟ ଦିବସରେ ଭୋଜପୁର ସହିତ ଖୋଲାଣ ମଧରେ ଅନୁଷ୍ଠିତ ହୋଇଥିଲା। ଭୋଜପୁର ଦଳ ୨-୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, କାଉନ୍‌ସିଲର ସୁବିର ସିଂଦେଓ ଯୋଗଦାନ କରିଥିଲେ। ରେଫରି ଭାବେ ଅମୂଲ୍ୟ ବାରିକ, ପିଙ୍କୁ ଚିନ୍ଦା ଓ ସୌରଭ ପଣ୍ଡା ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଖେଳକୁ ରାଜା ଅନୁପ ସିଂହଦେବଙ୍କ ନାତି ଅଙ୍କିତ ସିଂହଦେଓ ନେତୃତ୍ୱରେ ଅନୁଷ୍ଠିତ ହେଉଥିବା ବେଳେ ଟୁନା ନାଏକ, ଅକିମ ମହମ୍ମଦ, ଡୋଳାମଣି ଶବର, ପ୍ରଭୁ ଗୌଡ଼, ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ସୂଚନା ଯେ, ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ୧୫ରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।



୩ୟ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟେ ଦଳର ଖେଳାଳିମାନେ।

# ନୂଆଁ ଖାଇଲେ ମହିମା ଧର୍ମାବଲମ୍ବୀ

ଖଡ଼ିଆଳ,୧୧।୮(ଡି.ଏନ.ଏ.)

ଭାଦ୍ରବ ମାସ ପଞ୍ଚମୀ ତିଥିରେ ପଶ୍ଚିମ ଓଡିଶାବାସୀ ନୂଆଁ ଅନ୍ନ ଖାଇଥାନ୍ତି। ତାକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ବୋଲି କୁହାଯାଏ। ହେଲେ ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁକଲା ଗ୍ରାମର ଐତିହାସିକ ଯୋଗୀମଠ ପାହାଡ଼ଦେଶରେ ଥିବା ବାବା ମଠର ଅଲେଖ ଧର୍ମାବଲମ୍ବୀମାନେ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ନୂଆଁଖାଇ ପର୍ବ ପାଳନ କରିଥାନ୍ତି। ଗୁରୁବାର ରକ୍ଷା ବନ୍ଧନରେ ପ୍ରଥମେ ସେମାନେ ନୂଆଁ ଅର୍ଣ୍ଣ ଖାଇଛନ୍ତି। ମଠର ମୁଖ୍ୟ ବାବା ଲଛମନଙ୍କ ସମେତ ୫୦ରୁ ଅଧିକ ସାଧୁସନ୍ଥ ନୂଆଁ ଖାଇଥିଲେ। ଯଦି ବା ନୂଆଖାଇର ପରମ୍ପରା ସମାନ ରହିଥିଲେ ହେଁ ଅଲେଖ ଧର୍ମାବଲମ୍ବୀ ସାଧୁସନ୍ଥମାନଙ୍କ ଅଲଗା ଧର୍ମ ବିଶ୍ୱାସ ରହିଛି। ଅନ୍ୟ ଦେବଦେବୀଙ୍କୁ ଲାଗି ହେବା ପୂର୍ବରୁ ମହିମା ଗୋସାଇଁଙ୍କୁ ପ୍ରଥମ ଭୋଗ ଦେବା ପରମ୍ପରା ଅନୁସାରେ ଏହା ପାଳନ କରାଯାଏ। ପଶ୍ଚିମ ଓଡିଶା ସମେତ ଛତିଶଗଡ଼ର ଭକ୍ତମାନେ ମଧ ଏହି ମଠକୁ ଆସି ନବାନ୍ନ ଭକ୍ଷଣ କରିଥାନ୍ତି। ଗୁରୁବାର ପଶ୍ଚିମ ଓଡିଶାର ଅନ୍ୟାନ୍ୟ ଅଲେଖ ଧର୍ମାବଲମ୍ବୀମାନଙ୍କ ଭଳି ନୂଆପଡା ଜିଲାର ଡୁକଲା ବାବାମଠ, ସିନାପାଲି ବ୍ଲକ ଶରଧାପୁର ବାବା ମଠ, ରାଣୀପୁର ମଠରେ ନୂଆ ଅର୍ଣ୍ଣ ଖାଇଛନ୍ତି। ପ୍ରଥମ ଅମଳ ହେଉଥିବା (ଆଟ ଧାନ)କୁ ନୂଆଁ ପାତ୍ରରେ ସଂଗ୍ରହ କରି ଅଲେଖ ମଠରେ ରଖି ଥିଲେ। ଏହା ମାଟି ପାତ୍ରରେ ନୂଆଁ ଧାନକୁ ନିଆଁରେ ଭାଜିବା ପରେ ଗୁଣ୍ଡକରି ଚୁଡା ପ୍ରସ୍ତୁତ କରିଥିଲେ। ପରେ ଘିଅ, ଗୁଡ, ପଞ୍ଚାମୃତ, କଦଳୀ, ନଡ଼ିଆ ମିଶାଇ ନବାର୍ଣ୍ଣ ତିଆରି ହୋଇଥିଲା। ଅଲେଖ ଗୋସାଇଁଙ୍କୁ ନବାର୍ଣ୍ଣ ଟେକିବା ପରେ ସାଧୁସନ୍ଥମାନେ ମିଳିତ ଭାବେ ନୂଆଁ ଅର୍ଣ୍ଣ ଭକ୍ଷଣ କରିଥିଲେ ଓ ଜୁହାର ଭେଟ ହୋଇଥିଲେ। ଏହା ପରେ ସାଧୁସନ୍ଥ ବିଶ୍ୱର ମଙ୍ଗଳ କାମନା କରି ଅଲେଖ ମହିମାଙ୍କୁ ସାମୁହିକ ପ୍ରାର୍ଥନା କରିଥିଲେ।



ଅଲେଖ ଧର୍ମାବଲମ୍ବୀ ସାଧୁସନ୍ଥମାନେ ନୂଆଁ ଖାଉଛନ୍ତି।

**ଜ୍ଞାନେଶ୍ୱରବାବା ମନ୍ଦିରରେ କ୍ଷୀରାଭିଷେକ**

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଗ୍ରାମର ଜ୍ଞାନେଶ୍ୱର ବାବା ଓ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିରରେ ରକ୍ଷାବନ୍ଧନ ଉପଲକ୍ଷେ କାଉଡିଆ ଭକ୍ତମାନଙ୍କ ଦ୍ୱାରା କ୍ଷୀରାଭିଷେକ କରାଯାଇଥିଲା। ସକାଳୁ ଶ୍ରଦ୍ଧାଳୁମାନେ ମନ୍ଦିରରେ ଦର୍ଶନ ପାଇଁ ଆସିଥିଲେ। ନୀତି ନିର୍ଘଣ୍ଟ ଅନୁସାରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ କ୍ଷୀରାଭିଶେକ କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ତରଭା,୧୧।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ତରେଇକେଲାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରତ୍ନାକର ଦାସ (୪୦)। ତରଭା ଥାନାରେ ହୋଇଥିବା ଏତେଲା ଅନୁଯାୟୀ ଗୁରୁବାର ସକାଳ ପ୍ରାୟ ୫ଟାରେ ରତ୍ନାକର ଘରେ ଲାଗିଥିବା ସ୍ୱିଚ୍‌ବୋର୍ଡ ମାରିବା ବେଳେ ଆଘାତ ପାଇ ଛିଟିକି ପଡିଥିଲେ। ତାଙ୍କୁ ନାଇକେନପାଲି ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ରତ୍ନାକରଙ୍କୁ ମୃତ ଘୋଷଣା କରିଥିଲେ। ତରଭା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (୭/୨୨) ରୁଜୁ ହୋଇଛି।

### ଫ୍ୟାଶନ ଶୋ'ରେ ସୁବର୍ଣ୍ଣାଶ୍ରୀର ଅଂଶଗ୍ରହଣ

ସୋନପୁର,୧୧।୮(ନି.ପ୍ର.): ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଏକାମ୍ର ହାଟରେ ଅଷ୍ଟମ ହସ୍ତତନ୍ତ ଦିବସ ପାଳନ ଅବସରରେ ବୟନିକା ଦ୍ୱାରା ବୁଧବାର ଫ୍ୟାଶନ ଶୋ ଆୟୋଜିତ ହୋଇଥିଲା। ଏହି ଶୋରେ ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣାଶ୍ରୀର ପ୍ରଡ୍ୟୁସର କମ୍ପାନୀ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣାଶ୍ରୀ ପ୍ରଡ୍ୟୁସର କମ୍ପାନୀ ତରଫରୁ ସୁବର୍ଣ୍ଣପୁର ଜିଲାର ବୁଣାକାର ତଥା ମହିଳା ବୁଣାକାର ମାନଙ୍କ ଦ୍ୱାରା ଉତ୍ପାଦିତ ଉନ୍ନତ କଳାକୌଶଳ ତଥା ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ହସ୍ତତନ୍ତ କଟନ ବାନ୍ଧଶାଢ଼ୀ, ବୋମକେଇ ଡିଜାଇନ ଶାଢ଼ୀ ତଥା ସିଲ୍କ ବାନ୍ଧଶାଢ଼ୀ ଓ ବୋମକେଇ ଡିଜାଇନ ଶାଢ଼ୀ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ବାହାର ମଡେଲମାନେ ଆଧୁନିକ ଶୈଳୀରେ ହସ୍ତତନ୍ତର ବଡି ଡିଜାଇନ ତଥା ଆଞ୍ଚଳ ଡିଜାଇନକୁ ଖୁବ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ସୁବର୍ଣ୍ଣାଶ୍ରୀ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଓ ଓରମାସ ଦ୍ୱାରା ପ୍ରୋତ୍ସାହିତ ଜିଲାର ମହିଳା ସଂଘ୍ୟ ସହାୟକ ଗୋଷ୍ଠୀ ମାନଙ୍କ ଗଠିତ ଏକ ପ୍ରମୁଖ ହସ୍ତତନ୍ତ ଉତ୍ପାଦକ ସଂସ୍ଥା। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ସଚିବ ତଥା କମିଶନର ଶୁଭା ଶର୍ମା, ଆୟୋଜିତ ଫ୍ୟାଶନ ଶୋରେ ସୁବର୍ଣ୍ଣପୁର ଜିଲା ଅଂଶଗ୍ରହଣକୁ ଅନୁମତି ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଆବୋଲି ନରୱଣେଙ୍କ ତତ୍ତ୍ୱାବଧାନରେ ଉପନିର୍ଦ୍ଦେଶକ ବୟନଶିଳ୍ପ ସୋନପୁର ଶାନ୍ତନୁ କୁମାର ମେହେର, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓରମାସ ଯୁବରାଜ ସାହୁ, ଡିପିସି ମିଶନ ଶକ୍ତି କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### କଂଗ୍ରେସ କମିଟି ପକ୍ଷରୁ ଗୌରବ ଯାତ୍ରା

- ତୃତୀୟ ଦିବସରେ ମହିଳା କଂଗ୍ରେସ ପକ୍ଷରୁ ରକ୍ଷା ବନ୍ଧନ
- ନୂତନ ଆରକ୍ଷୀ ଅଧୀକ୍ଷକଙ୍କୁ ବାନ୍ଧିଲେ ରାଖୀ

ବୌଦ୍ଧ,୧୧।୮(ସ୍ୱ.ପ୍ର): ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ତ୍ୟାଗ ଓ ବଳିଦାନର ୭୫ବର୍ଷ ପୂର୍ତ୍ତି ଅବସରରେ ଚାଲିଥିବା ସପ୍ତାହବ୍ୟାପି ଗୌରବ ଯାତ୍ରାର ତୃତୀୟ ଦିବସରେ ଜିଲା ମହିଳା କଂଗ୍ରେସ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ କବିତା ମହାକୁଡଙ୍କ ନେତୃତ୍ୱରେ ବୌଦ୍ଧ ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା କଂଗ୍ରେସ କର୍ମୀମାନେ ନବନିଯୁକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମିନାଙ୍କୁ ରକ୍ଷା ବନ୍ଧନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହିତ ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ରଙ୍କୁ ମଧ୍ୟ ରକ୍ଷା ବନ୍ଧନ କରି ଆଶୀର୍ବାଦ କାମନା କରିଥିଲେ। ଜିଲା ଓକିଲ ସଂଘରେ ଉପସ୍ଥିତ ଥିବା ଓକିଲ, ଜିଲାର କାର୍ଯ୍ୟରତ ସାମ୍ବାଦିକ, ପୂର୍ବତନ ନଗରପାଳ ନିବାସ ଚନ୍ଦ୍ର ଦାନୀ, ବରିଷ୍ଠ ସାହିତ୍ୟିକ ବନମାଳୀ ପାଣିଗ୍ରାହୀ, ବରୋଜ କୁମାର ବେହେରା, ପ୍ରଦୋଷ କୁମାର ମିଶ୍ରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବକ୍ତିବିଶେଷଙ୍କୁ ମହିଳା କଂଗ୍ରେସ କର୍ମିମାନେ ରକ୍ଷା ବନ୍ଧନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ସମ୍ପାଦିକା ପ୍ରଭାତୀ ବେହେରା, ମମତା ପଣ୍ଡା, ଉପସଭାନେତ୍ରୀ ସନ୍ଧ୍ୟାରାଣୀ ସିଂଙ୍କ ସହ ଜିଲା କଂଗ୍ରେସ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ଗଣ୍ଡାଧର ସ୍ୱାଇଁ ଓ ସତ୍ୟନାରାୟଣ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଭୁଶୁଡ଼ିଲା ଛାତ୍ରୀନିବାସ ପାଚେରି

**କ୍ଷୁଦ୍ର ଜଳସେଚନ ବିଭାଗର ଖାମଖିଆଲି କାର୍ଯ୍ୟ**

ବାଉଁଶୁଣୀ, ୧୧।୮(ଡି.ଏନ.ଏ.)

କ୍ଷୁଦ୍ର ଜଳ ବିଭାଜିକା ବିଭାଗର ଖାମଖିଆଲି କାର୍ଯ୍ୟ ଯୋଗୁ ନଷ୍ଟ ହୋଇଯାଇଛି ଛାତ୍ରୀ ନିବାସ ପାଚେରୀ। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତର ଉମା ପୋଖରୀ ଜଳ ନିଷ୍କାସନ ପାଇଁ କ୍ଷୁଦ୍ର ଜଳ ବିଭାଜିକା ପ୍ରକଳ୍ପ ପକ୍ଷରୁ ଡ୍ରେନ ନିର୍ମାଣ କରାଯାଉଛି। ଓଡ଼ିଶା ଜଳବାୟୁ ପ୍ରତିରୋଧି ସମନ୍ୱିତ ଜଳସେଚନ କୃଷି ପ୍ରକଳ୍ପ ଅଧୀନରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବୌଦ୍ଧ ଦ୍ୱାରା ୫କୋଟି ୯୦ଲକ୍ଷ ୯୭ହଜାର ୩୯୯ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି କାର୍ଯ୍ୟ ୨୯ ଡିସେମ୍ବର ୨୦୧୯ ଠାରୁ ଆରମ୍ଭ ହୋଇଥିବାବେଳେ କାର୍ଯ୍ୟର ଅବଧି ୨୮ ଫେବୃଆରୀ ୨୦୨୧ ଦର୍ଶାଯାଇଛି। ଏହା ସିମିଳିଯୋରା, ଶ୍ରୀମାଳ, ଯୋଗିନ୍ଦ୍ରପୁର ଓ ଉମା ଠାରେ ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଛି। ନିର୍ମାଣ ଅବଧିର ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ତାହା ସମ୍ପୂର୍ଣ୍ଣ ନ କରି ୧୦ଫୁଟ ଭିତରେ ଛାଡି ଦିଆଯାଇଛି। ଛାତ୍ରୀନିବାସର ପାଚେରୀ ନିକଟରେ ଉକ୍ତ ଡ୍ରେନ ନିର୍ମାଣ ହେଉଥିବାରୁ ପାଚେରୀ ଭାଙ୍ଗି ଯିବାର ଆଶଙ୍କା କରି ଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ ନିର୍ମାଣ ସମୟରେ ଗ୍ରାମବାସୀ ପ୍ରକଳ୍ପ ଅଧିକାରୀଙ୍କୁ ତାଗିଦ କରିଥିଲେ ମଧ୍ୟ ଠିକାଦାର କିମ୍ବା ବିଭାଗୀୟ ଯନ୍ତ୍ରୀ କେହି ଗୁରୁତ୍ୱ ଦେଇ ନ ଥିଲେ। ପାଚେରୀର ସୁରକ୍ଷା ପ୍ରତି ବିପଦ ଥିବା ବିଷୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ହେଁ ଏଥିପ୍ରତି ବିଭାଗ ଆଖିବୁଜି ଦେଇଥିଲା। ଫଳରେ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଲଘୁଚାପ ଜନିତବର୍ଷାରେ ଛାତ୍ରୀନିବାସର ଲକ୍ଷାଧିକ ଟଙ୍କାର ପାଚେରୀ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇ ଡ୍ରେନ ପୋତି ହୋଇଯାଇଛି। ଆହୁରି ମଧ୍ୟ ଜନୈକ ଘର ଓ ବିଦ୍ୟାଳୟ ପ୍ରତି ବିପଦ ରହିଥିବା ଆଶଙ୍କା କରାଯାଉଛି। ଏସବୁର ତଥ୍ୟ ପାଇବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଜାଣିବାକୁ ଫୋନ କଲେ ମଧ୍ୟ କଲ ରିସିଭ କରୁନାହାନ୍ତି କି କଲ ବେକ ମଧ୍ୟ କରୁନାହାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱଦେବା ଆବଶ୍ୟକ ରହିଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।



ଛାତ୍ରୀନିବାସର ପାଚେରି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।

# ଶିକ୍ଷୟିତ୍ରୀଙ୍କ ନାମରେ ମାମଲା

**ନକଲି ଜାତିଗତ ପ୍ରମାଣପତ୍ର ଦେଇ ଚାକିରି**

ତରଭା, ୧୧।୮ (ଡି.ଏନ.ଏ.)

ନକଲି ପ୍ରମାଣପତ୍ର ଦେଇ ଚାକିରି କରିବା ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ। ବିବରଣୀ ଅନୁଯାୟୀ ବ୍ଲକ ଅନ୍ତର୍ଗତ ସାନଭଇରୋ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସଞ୍ଜୁଲତା କୁଅଁର ୨୦୦୬ ମସିହାରେ ଏସଟି କୋଟାରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ। ଏବେ ସେ ରେଗୁଲାର ଶିକ୍ଷକ ଭାବରେ ସେହି ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଅନେକ ଦିନରୁ ତରଭା ବ୍ଲକ ଆଦିବାସୀ କନ୍ଧ ସମାଜ ତାଙ୍କ ବିରୋଧରେ ଜିଲା ଶିକ୍ଷା ଅଧିକାରୀଙ୍କଠାରେ ଅଭିଯୋଗ କରି ଆସୁଥିଲା । ଡିଇଓ ଏହାର ତଦନ୍ତ କରି ତଥ୍ୟ ପ୍ରଦାନ କରିବା ସକାଶେ ଚିଠି ନ. ୫୮୬୮/ତା୧।୧୦।୨୦୨୧ରିଖରେ ତରଭା ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ସନ୍ତୋଷ କୁମାର ସାହୁଙ୍କ ସୂଚନା ମୁତାବକ ଶିକ୍ଷୟିତ୍ରୀ କୁଅଁରଙ୍କୁ ତାଙ୍କ ଜାତିଗତ ପ୍ରମାଣପତ୍ର ମଗାଯାଇଥିବାବେଳେ ସେ ତାହା ଦେଇ ପାରି ନ ଥିଲେ। ତେଣୁ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷୟିତ୍ରୀ କୁଅଁରଙ୍କ ନାମରେ ତରଭା ଥାନାରେ ଏତଲା ଦିଆଯାଇଛି ବୋଲି ବିଇଓ କହିଛନ୍ତି। ଏବିଷୟରେ ଥାନା ଅଧିକାରୀ ସୁବ୍ରତ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ବିଇଓ ଙ୍କ ଅଭିଯୋଗ ଅନୁଯାୟୀ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏକ ମାମଲା(୧୯୪/୨୨)ରୁଜୁ କରାଯାଇଛି ବୋଲି କହିଛନ୍ତି।

# କଂଗ୍ରେସ ସ୍ୱାଧୀନତା ଗୌରବ ଯାତ୍ରା

ସୋନପୁର,୧୧।୮(ନି.ପ୍ର.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ବିନିକାରେ କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଶୈବପୀଠ ଚରଦା କପିଳେଶ୍ୱର ମନ୍ଦିରରୁ କଂଗ୍ରେସ କର୍ମୀମାନେ ପଦଯାତ୍ରାରେ ବାହାରିଥିଲେ। ଚୌକିଯୋର-ଉର୍ଲେ ଛକ ଦେଇ ପଦଯାତ୍ରା ବିନିକା ସହର ଗଜପତି ନଗରଠାରୁ ସହର ପରିକ୍ରମା କରି ଯୋଗେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ଏଥିରେ ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ଦୁର୍ଗା ପ୍ରସାଦ ପାଢ଼ୀ, ଜିଲା ସଭାପତି ଗୌରିଶ୍ୟାମ ପଣ୍ଡା, ଉପସଭାପତି ରାଜଗୋପାଳ ପାଣିଗ୍ରାହୀ, ପିସିସି କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସେଠୀ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ସଂଗ୍ରାମ କେଶରୀ ନାୟକ, ବିନିକା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତା, ଜିଲା କିଷାନ ସେଲ ସଭାପତି ନରେନ୍ଦ୍ର ପଣ୍ଡା, ନରେନ୍ଦ୍ର ସାହୁ, ଉମାକାନ୍ତ ଦୀପ, ଗୋବିନ୍ଦା ଝାଙ୍କର, ଜିଲା ସୋସିଆଲ ମିଡ଼ିଆ ସଂଯୋଜକ ସୁମନ୍ତ ସାହୁ, ଭୋଲା ସାଗର,ମହାଦେବ କୁମ୍ଭାର, ସୂର୍ଯ୍ୟକାନ୍ତୀ ବାଘ, ମଞ୍ଜୁଲତା ମହାନନ୍ଦ ପ୍ରମୁଖ କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧିର ପ୍ରତିବାଦ, ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସଟି ପ୍ରତ୍ୟାହାର, ବେକାରୀ ସମସ୍ୟା ଓ ଚୁକ୍ତିଭିତ୍ତିକ ସମସ୍ତ ପ୍ରକାର ନିଯୁକ୍ତି ଉଚ୍ଛେଦ ଦାବି କରି କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।



ବିନିକାରେ ଅନୁଷ୍ଠିତ ଗୌରବ ଯାତ୍ରାରେ ସାମିଲ ନେତା ଓ କର୍ମୀ।

## ୭୫ ମିଟର ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ପ୍ରସ୍ତୁତି

ବୌଦ୍ଧ,୧୧।୮(ସ୍ୱ.ପ୍ର.)

ଦେଶର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିକୁ ନେଇ ଦେଶବ୍ୟାପୀ ପାଳନ କରାଯାଉଥିବା ଆଜାଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ବୌଦ୍ଧ ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସହିତ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ମୁତାବକ ସ୍ୱାଧନତା ଦିବସ ଅବସରରେ ୭୫ ମିଟର ଲମ୍ବ ତ୍ରିରଙ୍ଗା ଜାତୀୟ ପତାକା ଶୋଭାଯାତ୍ରା ରାମ ମନ୍ଦିରଠାରୁ ସକାଳ ୮ ଘଣ୍ଟା ସମୟରେ ବାହାରି ବସଷ୍ଟାଣ୍ଡ, ବାଘଗୁଡା ଛକ, ଗାନ୍ଧୀ ଛକ, ପୋଡାପଡା ଛକ, ୱ୍ୟାରଲେସ ଛକ ଦେଇ ପରେଡ ପଡିଆଠାରେ ପହଞ୍ଚିବ। ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜକ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ଛାତ୍ରୀଛାତ୍ରୀ, ସମାଜସେବୀ, ସ୍ୱେଚ୍ଛାସେବୀ ଓ ବରିଷ୍ଠ ନାଗରିକମାନେ ବହୁଳ ସଂଖ୍ୟାରେ ଯୋଗଦେବାକୁ ନିବେଦନ କରାଯାଇଛି। ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜକ ସମିତି ପକ୍ଷରୁ ସଂଯୋଜକ ଯୁବ ଆଇନଜିବୀ ପ୍ରିତମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ସମିତି ସଦସ୍ୟ ସାର୍ଥକ ମହାପାତ୍ର, ଅଂଶୁମାନ ହୋତା, ଅଂଶୁମାନ ଶୁକ୍ଳ, ସୁମନ ଷଡଙ୍ଗୀ, କେତନ କୁମାର ଅଗ୍ରୱାଲା, ଅଙ୍କିତ ଅଗ୍ରୱାଲା, କାହ୍ନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର



ଅମରପାଲିର ଭାଙ୍ଗି ପଡିଥିବା ମାଟିଘର।

ଅମରପାଲି,୧୧।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ପ୍ରଭାବରେ ଘର ଭାଙ୍ଗି ଯାଇଛି। ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ବଡମାଳ ଗ୍ରାମର କୁମର ପଧାନ ଓ ଅମରପାଲି ଗ୍ରାମର ଲବ କମିଲଙ୍କ ଘର ଭାଙ୍ଗିଛି। ସେହିପରି ଉଲୁଣ୍ଡା ବ୍ଲକ କୋଟସମଲାଇ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ୨ବଖରା ଭୁଶୁଡ଼ିଛି। ସୂଚନାନୁସାରେ ଗତ ଦୁଇଦିନ ଧରି ହେଉଥିବା ଲଗାଣ ବର୍ଷାରେ ଗ୍ରାମର ସୁରେଶ ବାଘଙ୍କ ୨ ବଖରା ମାଟିଘର ଭାଙ୍ଗିଛି । ସୁରେଶ ଓ ତାଙ୍କ ସ୍ତ୍ରୀ ବିପଦରୁ ବର୍ତ୍ତି ଯାଇଛନ୍ତି। ସେ ଏବେ ଗ୍ରାମ ପଶୁ ସହାୟକ କେନ୍ଦ୍ରରେ ଆଶ୍ରା ନେଇଛନ୍ତି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଡୁଙ୍ଗୁରିପାଲି କଲେଜରେ ଗଙ୍ଗାଧର ଜୟନ୍ତୀ



ଜୟନ୍ତୀ ଅବସରରେ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ ଅତିଥିମାନେ।

ଡୁଙ୍ଗୁରିପାଲି, ୧୧।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ସ୍ୱଭବ କବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧାପକ ସରୋଜ ଦାସ ମଞ୍ଚ ପରିଚାଳନା କରୁଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ନୀରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ବିଡିଓ ତ୍ରିପୁର ମହାନନ୍ଦ ଯୋଗ ଦେଇଥିଲେ। କବିଙ୍କ ସାହିତ୍ୟ ରଚନା କିପରି କାଳଜୟୀ ଥିଲା ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଲେଜରେ ଲାଇବେରୀ ହଲ, ବିଦ୍ୟୁତ୍ ସମସ୍ୟା, ପୂର୍ଣ୍ଣାଙ୍ଗ ପାଚେରି, ନୂତନ କୋଠା ନିର୍ମାଣ ପାଇଁ ମନ୍ତ୍ରୀ ପୂଝାରିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅତିଶୀଘ୍ର ସବୁ କାର୍ଯ୍ୟ ୨୦୨୪ ସୁଦ୍ଧା ପୂରଣ ହେବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଥିଲ । ଏହି ଅବସର ରେ ଡୁଙ୍ଗୁରିପାଲିର ବିଭିନ୍ନ ସଂଗଠନର ମୃତ୍ୟୁଞ୍ଜୟ ମିଶ୍ର, ଗୋପାଳ ବାରିକ, ବିପ୍ର ଚରଣ ସାହୁ, ହିମାଂଶୁ ଶେଖର ବିଶ୍ୱାଳ, ଧର୍ମେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀନେତା ଲିଙ୍ଗରାଜ ଅସୁସ୍ଥ

ବରଗଡ଼ ଅଫିସ୍,୧୧।୮

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ତଥା ଜଣାଶୁଣା ଚାଷୀନେତା ଲିଙ୍ଗରାଜ ଗୁରୁବାର ହଠାତ୍ ଗୁରୁତର ଅସୁସ୍ଥ ହୋଇ ପଡ଼ିଛନ୍ତି। ସେ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ପ୍ରଥମେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭିମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।

# ସଂକୀର୍ତ୍ତନ କରି ହର୍ ଘର୍ ତ୍ରିରଙ୍ଗା ପତାକା ଅଭିଯାନ



ନାମ ସଂକୀର୍ତ୍ତନ କରି ହର୍ ଘର୍ ତ୍ରିରଙ୍ଗା ପତାକା ଅଭିଯାନ କରାଯାଉଛି।

ବୌଦ୍ଧ,୧୧।୮(ସ୍ୱ.ପ୍ର)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ଗୁରୁବାର ୬ନମ୍ବର ଗ୍ରାମୀଣ ମଣ୍ଡଳ ପକ୍ଷରୁ ହରଘର ତ୍ରିରଙ୍ଗା ପତାକା ଅଭିଯାନ ଅନୁଷ୍ଠିତ ହୋଇଛି। ସାନଖଳିଗାଁରେ ସଂକୀର୍ତ୍ତନ ସହ ପଦଯାତ୍ରା କରି ହରଘର ତ୍ରିରଙ୍ଗା ପତାକା ଅଭିଯାନ, ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ପାଳନ କରିବା ପାଇଁ ବାର୍ତ୍ତା ପହଞ୍ଚାଯାଇଥିଲା। ଏହି କାର୍ଯ୍ୟକ୍ରମ ଗାଁରେ ନାମ ସଂକୀର୍ତ୍ତନ ମାଧ୍ୟମରେ କରାଯାଇଥିଲା। ଏଥିରେ ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି ଓ ଅନ୍ୟ ଦଳୀୟନେତା ଓ ଗ୍ରାମବାସୀ ସାମିଲ ଥିଲେ।

# ପୂର୍ବତନ ଟ୍ରେଜେରି ଆକାଉଣ୍ଟାଣ୍ଟଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୧।୮

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସନ୍ତୋଷ କୁମାର ଜେନା ଏକ ଲାଞ୍ଚ ମାମଲାର ଗୁରୁବାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ପୂର୍ବତନ ଟ୍ରେଜେରୀ ଆକାଉଣ୍ଟାଣ୍ଟ ନାରାୟଣ ମଲ୍ଲିକ। ସେ ବର୍ତ୍ତମାନ ବାଲିଗୁଡା ସବ୍‌ଟ୍ରେଜେରୀ ଅଫିସରେ କାର୍ଯ୍ୟରତ। ନାରାୟଣଙ୍କ ଘର ଫୁଲବାଣୀ ରୁଜାଙ୍ଗିରେ। ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ବ୍ରଜବିହାରୀ ମେହେର ଜଣେ ଅବସରପ୍ରାପ୍ତ କର୍ମଚାରୀ। ଅବସର ପରେ ତାଙ୍କର ୫ ଲକ୍ଷ ୭୯ ହଜାର ୮୧୩ ଟଙ୍କା ବକେୟା ରହିଥିଲା। ସେ ଏ ନେଇ ଟ୍ରେଜେରୀ ଆକାଉଣ୍ଟାଣ୍ଟ ନାରାୟଣଙ୍କୁ ଦେଖା କରିଥିଲେ। ୨୦୧୯ ଅକ୍ଟୋବର ୧୯ରେ ନାରାୟଣ ଏହି ବକେୟା କରାଇ ଦେବାପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ମେହେର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ସେହିଦିନ ଅପରାହ୍ନରେ ମେହେର ଟଙ୍କା ନେଇ ନାରାୟଣଙ୍କୁ ଦେଇଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ରଙ୍ଗବୋଳା ଟଙ୍କା ଜବତ କରିବା ସହ ନାରାୟଣଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ଗଙ୍ଗାଧର ଥିଲେ ବିଶ୍ୱ ଚେତନାର କବି

ସୋନପୁର,୧୧।୮(ନି.ପ୍ର.)

ମହାନଦୀ ସାହିତ୍ୟ ସଂସଦ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ(ଜିଲା ଗ୍ରନ୍ଥାଳୟ) ଠାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିଥିଲେ। କବିଙ୍କ ଲେଖନୀରୁ ନିସୃତ କବିତା ଆଜି ସାରା ଓଡିଆ ଜାତିର ଟେକ ରଖିଛି ବୋଲି ମିଶ୍ର ମତ ରଖିଥିଲେ। ମୁଖ୍ୟବକ୍ତାଭାବେ ସାହିତ୍ୟ ସଂସ୍କୃତି ଗବେଷକ ତଥା ଭଞ୍ଜ ଭାରତୀ ଭୁବନେଶ୍ୱରର ସମ୍ପାଦକ ଡାକ୍ତର କୃଷ୍ଣ ପ୍ରସାଦ ଷଡଙ୍ଗୀ ଯୋଗଦାନ କରିଥିଲେ। ଡାକ୍ତର ଷଡଙ୍ଗୀ ଗଙ୍ଗାଧରଙ୍କୁ ବିଶ୍ୱ ଚେତନାର କବି ଭାବେ ଅବିହିତ କରିଥିଲେ। କବି ଜଣେ ଅଦ୍ୱିତୀୟ ସାହିତ୍ୟ ସାଧକ ଥିଲେ। ଇଂଲିଶ କବି ଓ୍ୱଡର୍ସ ଓ୍ୱର୍ଥଙ୍କ ଭଳି ଗଙ୍ଗାଧରଙ୍କ ପ୍ରକୃତି ସମ୍ପର୍କିତ ଲେଖା ତୁଳନୀୟ ବୋଲି ସେ କହିଥିଲେ। କବିଙ୍କ ରଚିତ ନାରୀ ଚରିତ୍ର ଓ ଆଧୁନିକ ନାରୀ ସହିତ ଏକ ତୁଳନାତ୍ମକ ଆଲୋଚନା କରିଥିଲେ। ସେହିଭଳି ସୁବର୍ଣ୍ଣପୁର ସହିତ ଗଙ୍ଗାଧର ସାହିତ୍ୟର ସମ୍ପର୍କ ବିଷୟରେ ବିଶଦ ଆଲୋଚନା ହୋଇଥିଲା। ମହାନଦୀ ସହିତ୍ୟ ସଂସଦର ସଭାପତି ଶ୍ୟାମାଓଁ ପ୍ରସାଦ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ସୌରଭ ରଞ୍ଜନ ଖମାରୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଡ. ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଙ୍ଗୀତ ଗାନ ସହ ଅତିଥିଙ୍କ ଦ୍ୱାରା ଗଙ୍ଗାଧରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। କବି ଲକ୍ଷ୍ମୀନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ସାହିତ୍ୟିକ, ବୁଦ୍ଧିଜୀବୀ ଓ ଜନସାଧାରଣ ଏହି ସାରସ୍ୱତ ସଭାରେ ଯୋଗଦାନ କରିଥିଲେ।




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଓକିଲ ସଂଘ ପକ୍ଷରୁ ବୁଷ୍ଟର ଡୋଜ୍ ଟିକାକରଣ**

ବଲାଙ୍ଗୀର ଅଫିସ: ସ୍ଥାନୀୟ ସିଭିଲ କୋର୍ଟ ବାର ହଲ୍‌ଠାରେ ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ତଥା ସିଭିଲ କୋର୍ଟ ସହାୟତାରେ ସିଭିଲ କୋର୍ଟ କର୍ମଚାରୀ, ଜନସାଧାରଣ ଓ ଓକିଲ ମାନଙ୍କ ପାଇଁ କୋଭିଡ଼ ବୁଷ୍ଟର ଡୋଜ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଟିକାକରଣ କାର୍ଯ୍ୟକ୍ରମରେ ୧୪୭ ଜଣ ଟୀକା ନେଇଥିଲେ। ସଂଘର ସମସ୍ତ ସଭ୍ୟ ଏଥିରେ ସହାୟତା କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ତରଭା,୧୧।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ତରେଇକେଲାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରତ୍ନାକର ଦାସ (୪୦)। ତରଭା ଥାନାରେ ହୋଇଥିବା ଏତେଲା ଅନୁଯାୟୀ ଗୁରୁବାର ସକାଳ ପ୍ରାୟ ୫ଟାରେ ରତ୍ନାକର ଘରେ ଲାଗିଥିବା ସ୍ୱିଚବୋର୍ଡ ମାରିବା ବେଳେ ଆଘାତ ପାଇ ଛିଟିକି ପଡିଥିଲେ। ତାଙ୍କୁ ନାଇକେନପାଲି ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ରତ୍ନାକରଙ୍କୁ ମୃତ ଘୋଷଣା କରିଥିଲେ। ତରଭା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (୭/୨୨) ରୁଜୁ ହୋଇଛି।

### ଫ୍ୟାଶନ ଶୋ'ରେ ସୁବର୍ଣ୍ଣଶ୍ରୀର ଅଂଶଗ୍ରହଣ

**ସୋନପୁର,୧୧।୮(ନି.ପ୍ର.):** ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଏକାମ୍ର ହାଟରେ ଅଷ୍ଟମ ହସ୍ତତନ୍ତ ଦିବସ ପାଳନ ଅବସରରେ ବୟନିକା ଦ୍ୱାରା ବୁଧବାର ଫ୍ୟାଶନ ଶୋ ଆୟୋଜିତ ହୋଇଥିଲା। ଏହି ଶୋରେ ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣଶ୍ରୀର ପ୍ରଡ୍ୟୁସର କମ୍ପାନୀ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣଶ୍ରୀ ପ୍ରଡ୍ୟୁସର କମ୍ପାନୀ ତରଫରୁ ସୁବର୍ଣ୍ଣପୁର ଜିଲାର ବୁଣାକାର ତଥା ମହିଳା ବୁଣାକାର ମାନଙ୍କ ଦ୍ୱାରା ଉତ୍ପାଦିତ ଉନ୍ନତ କଳାକୌଶଳ ତଥା ସୁକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ହସ୍ତତନ୍ତ କଟନ ବାନ୍ଧଶାଢୀ, ବୋମକେଇ ଡିଜାଇନ ଶାଢୀ ତଥା ସିଲ୍କ ବାନ୍ଧଶାଢୀ ଓ ବୋମକେଇ ଡିଜାଇନ ଶାଢୀ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ବାହାର ମଡେଲମାନେ ଆଧୁନିକ ଶୈଳୀରେ ହସ୍ତତନ୍ତର ବଡି ଡିଜାଇନ ତଥା ଆଞ୍ଚଳ ଡିଜାଇନକୁ ଖୁବ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ସୁବର୍ଣ୍ଣଶ୍ରୀ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଓ ଓରମାସ ଦ୍ୱାରା ପ୍ରୋତ୍ସାହିତ ଜିଲାର ମହିଳା ସଂଘ୍ୟ ସହାୟକ ଗୋଷ୍ଠୀ ମାନଙ୍କ ଗଠିତ ଏକ ପ୍ରମୁଖ ହସ୍ତତନ୍ତ ଉତ୍ପାଦକ ସଂସ୍ଥା। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ସଚିବ ତଥା କମିଶନର ଶୁଭା ଶର୍ମା, ଆୟୋଜିତ ଫ୍ୟାଶନ ଶୋରେ ସୁବର୍ଣ୍ଣପୁର ଜିଲା ଅଂଶଗ୍ରହଣକୁ ଅନୁମତି ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଆବୋଲି ନରୱଣେଙ୍କ ତତ୍ତ୍ୱାବଧାନରେ ଉପନିର୍ଦ୍ଦେଶକ ବୟନଶିଳ୍ପ ସୋନପୁର ଶାନ୍ତନୁ କୁମାର ମେହେର, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓରମାସ ଯୁବରାଜ ସାହୁ, ଡିପିସି ମିଶନ ଶକ୍ତି କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### କଂଗ୍ରେସ କମିଟି ପକ୍ଷରୁ ଗୌରବଯାତ୍ରା

- ତୃତୀୟ ଦିବସରେ ମହିଳା କଂଗ୍ରେସ ପକ୍ଷରୁ ରକ୍ଷା ବନ୍ଧନ
- ନୂତନ ଆରକ୍ଷୀ ଅଧୀକ୍ଷକଙ୍କୁ ବାନ୍ଧିଲେ ରାକ୍ଷୀ

**ବୌଦ୍ଧ,୧୧।୮(ସ୍ୱ.ପ୍ର):** ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ତ୍ୟାଗ ଓ ବଳିଦାନର ୭୫ବର୍ଷ ପୂର୍ତ୍ତି ଅବସରରେ ଚାଲିଥିବା ସପ୍ତାହବ୍ୟାପି ଗୌରବ ଯାତ୍ରାର ତୃତୀୟ ଦିବସରେ ଜିଲା ମହିଳା କଂଗ୍ରେସ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ କବିତା ମହାକୁଡଙ୍କ ନେତୃତ୍ୱରେ ବୌଦ୍ଧ ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା କଂଗ୍ରେସ କର୍ମୀମାନେ ନବନିଯୁକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମିନାଙ୍କୁ ରକ୍ଷା ବନ୍ଧନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହିତ ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ରଙ୍କୁ ମଧ୍ୟ ରକ୍ଷା ବନ୍ଧନ କରି ଆଶୀର୍ବାଦ କାମନା କରିଥିଲେ। ଜିଲା ଓକିଲ ସଂଘରେ ଉପସ୍ଥିତ ଥିବା ଓକିଲ, ଜିଲାର କାର୍ଯ୍ୟରତ ସାମ୍ବାଦିକ, ପୂର୍ବତନ ନଗରପାଳ ନିବାସ ଚନ୍ଦ୍ର ଦାନୀ, ବରିଷ୍ଠ ସାହିତ୍ୟିକ ବନମାଳୀ ପାଣିଗ୍ରାହୀ, ବରୋଜ କୁମାର ବେହେରା, ପ୍ରଦୋଷ କୁମାର ମିଶ୍ରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବକ୍ତିବିଶେଷଙ୍କୁ ମହିଳା କଂଗ୍ରେସ କର୍ମୀମାନେ ରକ୍ଷା ବନ୍ଧନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ସମ୍ପାଦିକା ପ୍ରଭାତୀ ବେହେରା, ମମତା ପଣ୍ଡା, ଉପସଭାନେତ୍ରୀ ସନ୍ଧ୍ୟାରାଣୀ ସିଂଙ୍କ ସହ ଜିଲା କଂଗ୍ରେସ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ଗଣ୍ଡାଧର ସ୍ୱାଇଁ ଓ ସତ୍ୟନାରାୟଣ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବିନା ସହମତିରେ ସର୍ଭେ କାର୍ଯ୍ୟକୁ ବିରୋଧ

**ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ**

- ପୋଲିସ ଫୋର୍ସ ଉପସ୍ଥିତିରେ ଜୋର ଜବରଦସ୍ତ ସର୍ଭେ ଅଭିଯୋଗ
- ସର୍ଭେରୁ ବିରତ ନହେଲେ ଆନ୍ଦୋଳନ ଚେତାବନୀ

**ବଲାଙ୍ଗୀର ଅଫିସ,୧୧।୮**

ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରିବାକୁ ଯାଇ ବୁଡିଅଞ୍ଚଳ ଲୋକଙ୍କ ବିନା ସହମତିରେ ପୋଲିସ ଫୋର୍ସ ଉପସ୍ଥିତିରେ ଜୋର ଜବରଦସ୍ତି ସର୍ଭେ କରାଯାଉଥିବା ଅଭିଯୋଗ ହୋଇଛି। ଲୋୟର ସୁକ୍‌ତେଲ ବୁଡିଅଞ୍ଚଳ ସଂଗ୍ରାମ ପରିଷଦ ପକ୍ଷରୁ ଏକ ପ୍ରେସବିଜ୍ଞପ୍ତି ଜାରି କରାଯାଇ ବିଭାଗର ଏତାଦୃଶ କାମକୁ ନେଇ ରାଷ୍ଟ୍ରପତିଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଇଛନ୍ତି।

ଗତ ୮ ତାରିଖ ଗଡଶଙ୍କର ଡୁଙ୍ଗୁରିପାଲିଠାରେ ଲୋୟର ସୁକତେଲ ସଂଗ୍ରାମ ପରିଷଦ ଓ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବୁଡିଅଞ୍ଚଳର ଲୋକଙ୍କୁ ଅବଗତ ନ କରି ୨୦୧୩ ଆଇନର ୧୧ (୧) ଧାରା କାର୍ଯ୍ୟକାରୀ କରାଯିବାକୁ ପରିଷଦ ବିରୋଧ କରୁଥିବା ସୂଚନା ଦେଇଥିଲେ। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ବିଭାଗ ପକ୍ଷରୁ ପଲ୍ଲୀସଭା କରାଯାଇ ନ ଥିବା ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ୨୦୧୩ ଭୂମି ଅଧିଗ୍ରହଣ ଆଇନ ବିଷୟରେ ଅବଗତ କରାଯାଉନାହିଁ। ଏ ନେଇ ବୁଡିଅଞ୍ଚଳର ବିଭିନ୍ନ ଗ୍ରାମରୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଧାରା ୧୧ (୧) ନୋଟିସ ଅନୁସାରେ ୬୦ ଦିନ ମଧ୍ୟରେ ଏହାର ସୁବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଲିଖିତ ଆବେଦନ କରାଯାଇଥିଲା। କିନ୍ତୁ ପ୍ରଶାସନ ଏହା ଉପରେ କୌଣସି ବିଚାର ବିମର୍ଶ ନ କରି ପ୍ରତିଦିନ ପ୍ଲାଟୁନ ପ୍ଲାଟୁନ ପୋଲିସ ଉପସ୍ଥିତିରେ ଜବରଦସ୍ତ ସର୍ଭେ କରୁଥିବା ଅଭିଯୋଗ କରିଛନ୍ତି। ଏହା ଅଗଣତାନ୍ତ୍ରିକ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ପୂର୍ବପୁରୁଷଙ୍କ ଭିଟାମାଟି, ଜୀବନଜୀବିକା, ପ୍ରକୃତିଦତ୍ତ ସମ୍ପତ୍ତି, ଭାଇଚାରା, ଆଞ୍ଚଳିକ ପର୍ବପର୍ବାଣୀ ଛାଡି ଯିବାକୁ ଥିବା ଲୋକଙ୍କ ପ୍ରତି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ଅମାନୁଷିକ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସଂଗ୍ରାମ ପରିଷଦ ବିଭିନ୍ନ ଗ୍ରାମରେ ସଚେତନ ଶୋଭାଯାତ୍ରା କରୁଥିବା ଜଣାଇଛନ୍ତି। ଜୋର ଜବରଦସ୍ତ ଚାଲିଥିବା ସର୍ଭେ କାମକୁ ବନ୍ଦ କରି ଜିଲାପାଳଙ୍କ ସହ ଆଲୋଚନା ପାଇଁ ୨୨ ଦଫା ଦାବିପତ୍ର ଗତ ୪ ତାରିଖରେ ବିଭାଗୀୟ ଭୂ-ଅର୍ଜନ ଅଧିକାରୀଙ୍କୁ ଦିଆଯାଇଥିବା ଜଣାଇଛନ୍ତି। ଏହା ସହିତ ଜଳ ସମ୍ପଦ ବିଭାଗ ମନ୍ତ୍ରୀ, ଲୋଇସିଂହା ବିଧାୟକ, ବଲାଙ୍ଗୀର ବିଧାୟକ ଓ ପାଟଣାଗଡ ବିଧାୟକଙ୍କୁ ପରିଷଦ ପକ୍ଷରୁ ଲିଖିତ ଆକାରରେ ଜଣାଯାଇ ଆଲୋଚନା କରିଥିବା ଜଣାଇଛନ୍ତି। ଜିଲାପାଳ ୨୨ ଦଫା ଦାବି ଉପରେ ଆଲୋଚନା ନକଲେ ଏବଂ କର୍ମଚାରୀମାନେ ସର୍ଭେ କାମକୁ ଜାରି ଆଗାମୀ ଦିନରେ ସଂଗ୍ରାମ ପରିଷଦ ଗଣତାନ୍ତ୍ରିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ପରିଷଦର କାର୍ଯ୍ୟକାରୀ ସଭାପତି ଉଦୟ ସିଂ ଠାକୁର ଜଣାଇଛନ୍ତି।

# ଯବାନଙ୍କୁ ବାନ୍ଧିଲେ ରାଖୀ



ବ୍ରହ୍ମକୁମାରୀ ଭଉଣୀମାନେ ଯବାନଙ୍କୁ ରାକ୍ଷୀ ବାନ୍ଧୁଛନ୍ତି।

**ଖପ୍ରାଖୋଲ, ୧୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ଗାଁରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ମନ୍ଦିର ମାନଙ୍କରେ ରକ୍ଷା ବନ୍ଧନ ଉତ୍ସବ ପାଳନ ହୋଇଥିବା ବେଳେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ପୋଲିସ ଏବଂ ସିଆରପିଏଫ ଯବାନଙ୍କୁ ରାଖୀ ବନ୍ଧନ କରାଯାଇଥିଲା। ହରିଶଙ୍କର ସିଆରପିଏଫ ଏ.ସି ସତ୍ୟବୀର ସିଂହଙ୍କ ସମେତ ଯବାନମାନଙ୍କୁ ରାଖୀ ବାନ୍ଧିଥିଲେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବନମାଳ ଶାଖାର ବ୍ରହ୍ମ କୁମାରୀ ଲକ୍ଷ୍ମୀ ଭଉଣୀ, ସବିତା ଭଉଣୀ, ଶ୍ୟାମ ଭାଇ, ଉମାକାନ୍ତ ଭାଇ, ବିଜୁ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।



ସିଆର୍‌ପିଏଫ୍ ଯବାନମାନେ ବାହାର କରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# ହର୍ ଘର୍ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା

**ଖପ୍ରାଖୋଲ,୧୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଅବସ୍ଥାପିତ ସିଆରପିଏଫ ୧୮୯/ଏ ବାଟାଲିୟନ ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ଅବସରରେ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଗୁରୁବାର ଶୁଭାରମ୍ଭ ହୋଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟବୀର ସିଂହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏକ ସୁସଜ୍ଜିତ ଗାଡ଼ିରେ ଦେଶାତ୍ମବୋଧକ ଗୀତର ତଳେ ତଳେ ଯବାନମାନେ ବାଇକରେ ଜାତୀୟ ପତାକା ଲଗାଇ ହରିଶଙ୍କର ମନ୍ଦିର ନିକଟରୁ ବାହାରି ନାନ୍ଦୁପଲା, କୁଠୁର୍ଲା ଆଦି ଗାଁ ପରିକ୍ରମା କରିଥିଲେ। ସ୍ୱାଧୀନତାର ୭୫ ଆଜାଦି କା ଅମୃତ ମହୋତ୍ସବ ଦେଶ ପାଳନ କରୁଥିବାରୁ ଘରେ ଘରେ ତ୍ରିରଙ୍ଗା ଉଡାଇବା ବାର୍ତ୍ତା ଦେବା ସହ ଯବାନମାନେ ତ୍ରିରଙ୍ଗା ପତାକା ବଣ୍ଟନ କରିଥିଲେ।

## ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ଲୋଇସିଂହା,୧୧।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ପକ୍ଷରୁ ସ୍ଥାନୀୟ ହରେକୃଷ୍ଣ ମହତାବ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରଚରଣ ନାଏକ ଏବଂ ଫୁଟବଲ ଖେଳାଳି ନଜିର ଖାନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଷ୍ଟାଡିୟମ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ନାଏକଙ୍କ ସହକର୍ମୀ ବିଭୂତିଭୂଷଣ ସାହାଣୀ, ଧର୍ମସିଂ ମିଶ୍ର, ପ୍ରଧ୍ୟାପକ ନରେନ୍ଦ୍ର ରଣାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସଭାରେ ସାମିଲ ହୋଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନଜିର ଖାନ ମଧ୍ୟ ଭଲ ଫୁଟବଲ ଖେଳି ଓଡିଶା ପୋଲିସ ଚାକିରିରେ ଭର୍ତ୍ତି ହୋଇଥିଲେ। ଲୋଇସିଂହା ମାଟି ତାର ଦୁଇଜଣ ସୁଯୋଗ୍ୟ ସନ୍ତାନଙ୍କୁ ହରାଇଲା ବୋଲି ସଭାପତି ବେହେରା ତାଙ୍କ ସଭାପତୀୟ ଅଭିଭାଷଣରେ କହିଥିଲେ। ସଭାପୂର୍ବରୁ ଉଭୟଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନର ରକ୍ଷା ବନ୍ଧନ ଉତ୍ସବ



ବିଧାୟକ ନରସିଂହ ମିଶ୍ରଙ୍କୁ ବ୍ରହ୍ମାକୁମାରୀମାନେ ରାଖୀ ବାନ୍ଧୁଛନ୍ତି।

**ବଲାଙ୍ଗୀର ଅଫିସ, ୧୧।୮**

ପ୍ରଜାପିତା ବ୍ରହ୍ମା କୁମାରୀ ଅନୁଷ୍ଠାନ ପକ୍ଷରୁ ଲାଲଟିକ୍ରାଠାରେ ଗୁରୁବାର ରକ୍ଷା ବନ୍ଧନ ଉତ୍ସବ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ରହ୍ମ କୁମାରୀ ଓଷା ମୁଖ୍ୟଅତିଥି ବିଧାୟକ ମିଶ୍ରଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଉପସ୍ଥିତ ସମସ୍ତ ଭଉଣୀଭାଇଙ୍କ ମଙ୍ଗଳ କାମନା କରିବା ସହ ଅନୁଷ୍ଠାନର ଯାହା କିଛି ଅସୁବିଧା ଅଛି ନିଜ ସାଧ୍ୟମଧ୍ୟେ ପୂରଣ କରିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାରା ବିଶ୍ୱ ଯେତେବେଳେ ଅଶାନ୍ତ ବାତାବରଣରେ ଗତି କରୁଛି ସେତେବେଳେ ପ୍ରଜାପିତା ବ୍ରହ୍ମକୁମାରୀ ଭଳିଆ ଅନୁଷ୍ଠାନ ବିଶ୍ୱର ୧୪୦ଟି ଦେଶରେ ରକ୍ଷା ବନ୍ଧନ ଉତ୍ସବ ପାଳିତ କରୁଛି ବୋଲି ଅନୁଷ୍ଠାନ ପକ୍ଷରୁ ବ୍ରହ୍ମ କୁମାର ଅଭିମନ୍ୟୁ ମିଶ୍ର ବକ୍ତବ୍ୟରେ ସୂଚନା ଦେଇଥିଲେ।

# ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ



ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ଅବସରରେ ଉପସ୍ଥିତି ଅତିଥି ଓ ଆୟୋଜକ।

**ବଲାଙ୍ଗୀର ଅଫିସ,୧୧।୮**

ବଲାଙ୍ଗୀର ମା' ବୈଷ୍ଣୋଦେବୀ ଫୁଏଲ ସେଣ୍ଟର ପକ୍ଷରୁ ଗୁରୁବାର ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଇଥିଲା। ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ବିଭାଜନ ସମୟର ବୁକୁଥରା ଘଟଣା ଏବଂ ଜନସାଧାରଣଙ୍କ ଅକଥନୀୟ ଦୁଃଖ ସମ୍ପର୍କରେ କହିଥିଲେ। କିଛି ମୁଷ୍ଟିମେୟ ଲୋକଙ୍କ ଚକ୍ରାନ୍ତରେ କିଭଳି ଅଖଣ୍ଡ ଭାରତକୁ ଖଣ୍ଡବିଖଣ୍ଡିତ କରିଦିଆଗଲା ଏବଂ ଗତ ୭୫ ବର୍ଷ ଧରି ଆମେ କିଭଳି ଏହାର କୁପରିଣତି ଭୋଗୁଛୁ କହିଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଦିବସ ପାଳନ କରିବାର ଅବ୍ୟବହିତ ପୂର୍ବରୁ ବିଭାଜନ ବିଭୀଷିକାକୁ ସ୍ମୃତି ଦିବସ ଭାବେ ଆଜି ପାଳନ କରୁଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସେଲ୍ସ ଅଫିସର ଇସାନ୍ ପଣ୍ଡା, ଦୁର୍ଗାପ୍ରସାଦ ଜେନା, ସନ୍ଦୀପ ଅଗ୍ରୱାଲ, ଆଡଭୋକେଟ୍ ଦେବେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର

**ଅମରପାଲି,୧୧।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ପ୍ରଭାବରେ ଘର ଭାଙ୍ଗି ଯାଇଛି। ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ବଡମାଳ ଗ୍ରାମର କୁମର ପଧାନ ଓ ଅମରପାଲି ଗ୍ରାମର ଲବ କମିଲଙ୍କ ଘର ଭାଙ୍ଗିଛି। ସେହିପରି ଉଲୁଣ୍ଡା ବ୍ଲକ କୋଟସମଲାଇ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ୨ବଖରା ଭୁଶୁଡ଼ିଛି। ସୂଚନାନୁସାରେ ଗତ ଦୁଇଦିନ ଧରି ହେଉଥିବା ଲଗାଣ ବର୍ଷାରେ ଗ୍ରାମର ସୁରେଶ ବାଘଙ୍କ ୨ ବଖରା ମାଟିଘର ଭାଙ୍ଗିଛି। ସୁରେଶ ଓ ତାଙ୍କ ସ୍ତ୍ରୀ ବିପଦରୁ ବର୍ତ୍ତି ଯାଇଛନ୍ତି। ସେ ଏବେ ଗ୍ରାମ ପଶୁ ସହାୟକ କେନ୍ଦ୍ରରେ ଆଶ୍ରା ନେଇଛନ୍ତି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ଗାବାହିନୀ ପାଳିଲା ରକ୍ଷାବନ୍ଧନ



ମୂରିବାହାଲ ଥାନାକୁ ରାଖୀ ବାନ୍ଧିବାକୁ ଆସିଥିବା ଦୁର୍ଗାବାହିନୀର ସଦସ୍ୟମାନେ।

**ମୁରିବାହାଲ, ୧୧।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲଶ ମୁରିବାହାଲ ବ୍ଲକ ଦୁର୍ଗା ବାହିନୀ ତରଫରୁ ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ସାମୂହିକ ରକ୍ଷା ବନ୍ଦନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପଶ୍ଚିମ ଓଡିଶାର ପ୍ରାନ୍ତ ଦୁର୍ଗା ବାହିନୀ ସହ ପ୍ରମୁଖ ସୁଶ୍ରୀ ସୋନାଲିପ୍ରଭା ସାହୁଙ୍କ ଉପସ୍ଥିତରେ ମୂରିବାହାଲ ଦୁର୍ଗା ବାହିନୀ ସଦସ୍ୟ ସୁଶ୍ରୀ ସୁମନ୍ତି ବିଭାର, ସୁଶ୍ରୀ ଅଙ୍କିତା ଖମାରଙ୍କ ନେତୃତ୍ୱରେ ମୂରିବାହାଲ ଥାନା, ଦମକଳ ବାହିନୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୂରିବାହାଲ କୋର୍ଟରେ ରାଖୀ ବାନ୍ଧିଥିଲେ।

## ଆତଙ୍କ ଖେଳାଇଲେ ଡକାୟତ ଦଳ

- ଡକାୟତଙ୍କ ଆକ୍ରମଣରେ ଜଣେ ଆହତ
- ୨ ଡକାୟତଙ୍କୁ ପୋଲିସ ଜିମା ଦେଲେ ଲୋକେ

**ଲୋଇସିଂହା,୧୧।୮(ଡି. ଏନ. ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କରକଟିଆ ଛକରେ ଏକ ଡକାୟତି ଦଳ ଗୁରୁବାର ରାତିରେ ଆତଙ୍କ ଖେଳାଇଥିଲେ। ସେମାନଙ୍କ ଆକ୍ରମଣରେ ଭାଇଁଶା ଗ୍ରାମର ସତ୍ୟ ଦୀପ ଲହୁଲୁହାଣ ହୋଇଥିବାବେଳେ ବଡ଼ଟିକାର ସତ୍ୟ ଦଳପତି ଅଳ୍ପକେ ବର୍ତ୍ତି ଯାଇଥିଲେ। ପଣ୍ଡକିଟାଲର ଜଣେ ସମ୍ପର୍କୀୟଙ୍କ ମୃତଦେହ ସତ୍କାର ସାରି ଏକ ବାଇକ ଯୋଗେ ସତ୍ୟ ଘରକୁ ଫେରୁଥିବା ବେଳେ କେତେକ ଡକାୟତ ସତ୍ୟଙ୍କୁ ଅଟକାଇ ଥିଲେ। ଆକ୍ରମଣ କରି ଲୁଟ୍ କରିଥିଲେ। ସତ୍ୟଙ୍କ ଚିତ୍କାର ଶୁଣି କରକଟିଆ ଗ୍ରାମର କେତେକ ଲୋକ ଘଟଣାସ୍ଥଳକୁ ଆସି ଯିବାରୁ କଳା ପଲସରେ ଥିବା ଡକାୟତମାନେ ଫେରାର ହୋଇଯାଇଥିଲେ। ଅନ୍ୟ ଏକ ବାଇକରେ ଖାସି ଯିବାକୁ ଉଦ୍ୟମ କରୁଥିବା ୨ଡକାୟତଙ୍କୁ ସ୍ଥାନୀୟ ଲୋକେ କାବୁ କରିନେଇଥିଲେ। ସେମାନଙ୍କୁ ଉତ୍ତମ ଦେଇ ସ୍ଥାନୀୟ ପୋଲିସ ଜିମା ଦିଆଯାଇଛି। ସତ୍ୟ ଓ ୨ଡକାୟତଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଲୋଇସିଂହା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ତନଖିଘନା ଆରମ୍ଭ କରିଛି।

## ଗଙ୍ଗାଧରଙ୍କ ସାହିତ୍ୟ ସାମାଜିକ ସଚେତନତାର ସାରଥି

**ବଲାଙ୍ଗୀର ଅଫିସ,୧୧।୮**

ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଟିକ୍ରାପଡାଠାରେ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ କବି ଗଙ୍ଗାଧର ତାଙ୍କ ଲେଖନୀ ମାଧ୍ୟମରେ ସାଧାରଣ ଜନଜୀବନର କଥାଠୁ ଆରମ୍ଭ କରି ପ୍ରକୃତି ପରିବେଶ, ନାରୀ ଚରିତ୍ର, ସମାଜ ସଂସ୍କାର ତଥା ବିଭିନ୍ନ ଦିଗ ଉପରେ କିଭଳି ଆଲୋଚନା କରିଯାଇଛନ୍ତି କହିଥିଲେ। ଉପଦେଷ୍ଟା କପିଳ ପତି, ହୃଷିକେଶ ପୁରୋହିତ, ସଭ୍ୟ ଚୁଡେନ୍ଦ୍ର ବେହେରା, ମଦନ ମୋହନ ରଥ, କସ୍ତୁରୀ ରଥ, ତପସ୍ୱିନୀ ପଶାୟତ ଗଙ୍ଗାଧରଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନ ସମ୍ପାଦକ କବି ରତ୍ନମୟ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅରୁଣ କୁମାର ଖୁଆସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁନାଧର ବନଛୋର, ଦୁର୍ଗାଚରଣ ସାହୁ ସହଯୋଗ କରିଥିଲେ।



ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଅବସରରେ ଉପସ୍ଥିତି ଅତିଥି, ଆୟୋଜକ।

**ଅପରିଚିତ ଭଉଣୀଙ୍କୁ ରକ୍ତଦାନ**

ବରଗଡ଼ ଅଫିସ୍: ରକ୍ଷା ବନ୍ଧନ ଦିବସରେ ଚିକିତ୍ସାଧୀନ ଜଣେ ଅପରିଚିତ ଭଉଣୀଙ୍କୁ ବରଗଡ଼ର ସଂକଳ୍ପ ପରିବାରର ଦୁଇ ସଦସ୍ୟ ବିକାଶ ଭୋଇ ଏବଂ ସୁବ୍ରତ ଭୋଇ ରକ୍ତଦାନ କରିଛନ୍ତି। ସୋହେଲା ବ୍ଲକ ପେଟୁପାଲିର ରୋହିନୀ ବାଗ(୨୫) ପ୍ରସୂତୀଜନିତ ସମସ୍ୟାରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ରକ୍ତ ଆବଶ୍ୟକତା ଥିବା ଡାକ୍ତରମାନେ କହିଥିଲେ। ଏ-ପଜିଟିଭ୍ ଗ୍ରୁପ୍ ରକ୍ତ ସ୍ଥାନୀୟ ରକ୍ତ ଭଣ୍ଡାରରେ ଅଭାବ ଥିଲା। ରୋହିନୀଙ୍କ ପାଇଁ ଏହି ଗ୍ରୁପ୍ର ରକ୍ତ ଜରୁରୀ ହୋଇଥିଲା। ସଂକଳ୍ପ ପରିବାରର ଦୁଇ ସ୍ୱେଚ୍ଛାସେବୀ ରକ୍ତ ଭଣ୍ଡାରରେ ପହଞ୍ଚି ରୋହିନୀଙ୍କ ପାଇଁ ୨ ୟୁନିଟ୍ ରକ୍ତଦାନ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ଚାଳକ ମୃତ

ପାଇକମାଲ,୧୧।୮(ଡି.ଏନ.ଏ): ବରଗଡ ଜିଲା ପାଇକମାଲ ଥାନା ଡୁଙ୍ଗୁରିପାଲି ଗାଁ ନିକଟରେ ଗୁରୁବାର ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ତାର ବାଡ଼ରେ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ଗ୍ରାମର ଗୁଟୁନ ସୁନା (୪୦)। ପାଇକମାଲ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭୭।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ଗୁଟୁନ ଅପରାହ୍ଣ ୨ଟାରେ ଘରୁ ବାହାରି ବାଇକ୍ରେ ମିଠାପାଲି ଯାଉଥିବା ବେଳେ ବାଟରେ ତାର ବାଡ଼ ସହ ଧକ୍କା ହୋଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗି ଭୀଷଣ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ଜଗବନ୍ଧୁ ଦାଶ ସ୍ନାତକ ମହିଳା କଲେଜର ସଫଳତା

ବରପାଲି,୧୧।୮(ଡି.ଏନ.ଏ.): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍ନାତକ ପରୀକ୍ଷାରେ ବରଗଡ଼ ଜିଲା ବରପାଲିର ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ହିନ୍ଦୀ ବିଭାଗରୁ ପ୍ରିୟଙ୍କା ଗୁପ୍ତା (ଦ୍ୱିତୀୟ), ମିତା ପଧାନ (ପଞ୍ଚମ), ଶୁଭ୍ରସ୍ମିତା ବେହେରା (ନବମ), ରାଜନୀତି ବିଜ୍ଞାନ ବିଭାଗରୁ ଆରତୀ ପଧାନ (ତୃତୀୟ), ଇତିହାସ ବିଭାଗରୁ ସ୍ୱପ୍ନାରାଣୀ ଦାଶ (ପଞ୍ଚମ), ଶିକ୍ଷା ବିଭାଗରୁ ଜୁବୁଲି ପରିଡ଼ା (ଚତୁର୍ଥ), ବନ୍ଦନା ବାରିକ (ନବମ) ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କଲେଜର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ପରମାନନ୍ଦ ବେଶରେ ଦଧିବାମନ



ବରଗଡ଼ ଅଫିସ୍,୧୧।୮: ବରଗଡ଼ ଜିଲା ଭଟଲି ଦଧିବାମନ ମନ୍ଦିରରେ ଗୁରୁବାର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଦଧିବାମନ ପରମାନନ୍ଦ ବେଶରେ ଦର୍ଶନ ଦେଇଥିଲେ। ଏଥିପାଇଁ ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ଦୈନିକ ପହଡ଼ଭଙ୍ଗ ନୀତି ସମାପନ ପରେ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁ ପରମାନନ୍ଦ ବେଶରେ ସଜ୍ଜିତ ହୋଇଥିଲେ। ସେ ହାତରେ କୋଦାଳ, ପାଦରେ କଠଉ, ମୁଣ୍ଡରେ ପଗଡ଼ି ଆଦି ରୌପ୍ୟ ନିର୍ମିତ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ଏହି ବେଶରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା।

### ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

ଜାମଟିକ୍ରା, ୧୧।୮(ଡି.ଏନ.ଏ.): ଅତାବିରା ବ୍ଲକ ଝିଲିମିଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ସାମାଜିକ କର୍ମୀ ପ୍ରେମାନନ୍ଦ ମେହେର ମୁଖ୍ୟ ଅତିଥି, ତାପସ ଭୋଇ ମୁଖ୍ୟ ବକ୍ତା, ପୂର୍ଣ୍ଣଚନ୍ଦ୍ର ତରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ଷାବନ୍ଧନ ଭାଇଭଉଣୀଙ୍କ ମଧରେ ଥିବା ଅନାବିଳ ସ୍ନେହ ଓ ସୁରକ୍ଷାର ପ୍ରତୀକ ବୋଲି ପ୍ରକାଶ କରିଥିଲେ। ଶ୍ରୁତି ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଭରତ ଚନ୍ଦ୍ର ସାହୁ ଓ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ଶେଷରେ ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରଣଜିତ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼ ଅଫିସ୍,୧୧।୮: ବର୍ଷିୟାନ ନାଟ୍ୟକାର, କଥାକାର, ସଂଳାପ ଲେଖକ ରଣଜିତ ପଟ୍ଟନାୟକଙ୍କ ପରଲୋକରେ ବରଗଡ଼ ଉତ୍କଳ ଗୌରବ କଳାକାର ସଂଘ ଶୋକପ୍ରକାଶ କରିଛି। ଏହି କ୍ରମରେ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଲିଟୁ ମହାନ୍ତି, ସତ୍ୟ ପଣ୍ଡା, କିଶୋର ରଥ, ଗୌରଚରଣ ମିଶ୍ର, ପର୍ଶୁରାମ ପଣ୍ଡା, ବିଶ୍ୱଜିତ ସ୍ୱାଇଁ, କାଞ୍ଚନ ଚକ୍ରବର୍ତ୍ତୀ, ଜିତୁ ସାହୁ, ବିନ୍ଦୁ ମଲ୍ଲିକ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

# ଧୋଇଗଲା ଫେୟାରୱେଦର ରାସ୍ତା

## ବରଗଡ଼ରୁ ଅମ୍ବାପାଲି ବିଚ୍ଛିନ୍ନ

ବରଗଡ଼ ଅଫିସ୍,୧୧।୮

ବରଗଡ଼-ଅମ୍ବାପାଲି ମଧ୍ୟରେ ଜିରା ନଦୀ ବହିଯାଇଛି। ଅମ୍ବାପାଲିକୁ ସଂଯୋଗ କରିବା ପାଇଁ ବ୍ରିଟିଶ ଅମଳରୁ ଏକ ପୋଲ ରହିଥିଲା। ବିପଦଶଙ୍କୁଳ ଅବସ୍ଥା ଯୋଗୁ ତାକୁ ଭାଙ୍ଗି ଦିଆଯାଇ ସେଠାରେ ନୂତନ ପୋଲ ନିର୍ମାଣ ଚାଲିଛି । ୨୦୧୮ ମସିହାରୁ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସରିନାହିଁ। ଅନ୍ୟପଟେ ଲୋକଙ୍କ ଯାତାୟାତ ପାଇଁ ଅସ୍ଥାୟୀ ଫେୟାରୱେଦର ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ବର୍ଷାରେ ସେହି ରାସ୍ତା ବାରମ୍ବାର ଧୋଇ ଯାଉଛି। ଲଗାଣ ବର୍ଷା ଯୋଗୁ ଜିରା ନଦୀରେ ବନ୍ୟାଜଳ ଆସିବାରୁ ପୁଣି ଉକ୍ତ ଫେୟାରୱେଦର ରାସ୍ତା ଧୋଇ ହୋଇଛି। ଫଳରେ ବରଗଡ଼ ସହରରୁ ଅମ୍ବାପାଲି ବିଚ୍ଛିନ୍ନ ହୋଇପଡ଼ିଛି ଏବଂ ଏହା ଅଞ୍ଚଳବାସୀଙ୍କ ଦୁଃଖ, ଦୁର୍ଦ୍ଦଶାକୁ ବଢ଼ାଇ ଦେଇଛି ।




ଧୋଇ ହୋଇ ଯାଇଥିବା ଜିରା ନଦୀ ଫେୟାରୱେଦର ରାସ୍ତା ।

### ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ



"ନୂଆ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୪ବର୍ଷ ବିତିଲାଣି। ହେଲେ ଏପର୍ଯ୍ୟନ୍ତ ବ୍ରିଜ୍ ନିର୍ମାଣ କାର୍ଯ୍ୟ ନ ସରିବା ବିଡ଼ମ୍ବନାର ବିଷୟ । ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଏଭଳି ହେଉଛି। ସହରରେ ଗୋଟିଏ ସର୍କିଟ୍ ହାଉସ ଥିବାବେଳେ ପୁଣି ଏକ ସର୍କିଟ୍ ହାଉସ ନିର୍ମାଣ ପାଇଁ ସରକାର ଅନୁଦାନ ଦେଉଛନ୍ତି। ଅଥଚ ଲୋକଙ୍କ ଅତ୍ୟାବଶ୍ୟକ ଜିରା ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଅଞ୍ଚଳବାସୀଙ୍କ ପାଇଁ ଦୁର୍ଦ୍ଦଶା ଆଣିଛି । ସ୍କୁଲ, କଲେଜ ଯିବା ପାଇଁ ଛାତ୍ରୀଛାତ୍ରଙ୍କ ଅସୁବିଧା ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଦରକାର।

–ସୁରେଶ ମହାପାତ୍ର, ଅମ୍ବାପାଲି

### ଧନୁଯାତ୍ରା ପୂର୍ବରୁ ସରୁ ନିର୍ମାଣ କାର୍ଯ୍ୟ



"ଜିରା ନଦୀ ବରଗଡ଼ ଧନୁଯାତ୍ରାର ଏକ ଅଂଶବିଶେଷ । ଧନୁଯାତ୍ରାରେ ଏହା ଯମୁନା ପାଲଟିଯାଏ। ସେହିପରି ଅମ୍ବାପାଲି ଗୋପପୁର ଏବଂ ବରଗଡ଼ ମଥୁରାନଗରୀ। ପୁରୁଣା ବ୍ରିଜ୍ ଦେଇ ଲୋକେ ଧନୁଯାତ୍ରା ଦେଖିବା ପାଇଁ ଉଭୟ ଗୋପପୁର ଏବଂ ମଥୁରାନଗରୀକୁ ଯିବା ଆସିବା କରୁଥିଲେ। ହେଲେ ସେହି ବ୍ରିଜ୍ ଭାଙ୍ଗିବା ପରେ ଲୋକଙ୍କୁ ଧନୁଯାତ୍ରାବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆଉ ୪ ମାସ ପରେ ବରଗଡ଼ ଧନୁଯାତ୍ରା। ଏହା ପୂର୍ବରୁ ବ୍ରିଜ୍ ନିର୍ମାଣ ସରିବା କଥା । କିନ୍ତୁ କାମ ଯେଭଳି ଶିଥିଳ ଚାଲିଛି, ନିର୍ମାଣ କାର୍ଯ୍ୟ ସରିବା ଆଶା କରାଯାଉନାହିଁ।

–ପଞ୍ଚାନନ ବିର୍ତ୍ତିଆ, ଅମ୍ବାପାଲି

### ଦୁଃଖ କହିବାକୁ ଭାଷା ନାହିଁ



"ବରଗଡ଼ ସହରରେ ମୋର ଦୋକାନ ଅଛି। ପୁରୁଣା ବ୍ରିଜ୍ ଦେଇ ନିୟମିତ ଦୋକାନକୁ ଆସୁଥିଲି। ତେବେ ତାହା ଭଙ୍ଗାଯିବା ପରେ ଫେୟାରୱେଦର ରାସ୍ତା ଆମମାନଙ୍କ ସାହା ଭରସା ପାଲଟିଥିଲା। କିନ୍ତୁ ବର୍ଷାଋତୁରେ ଥରେ କିମ୍ବା ଦୁଇଥର ନୁହେଁ। ଅନେକ ଥର ଫେୟାରୱେଦର ରାସ୍ତା ଧୋଇ ହେଉଛି ଏବଂ ଦୀର୍ଘଦିନ ଧରି ଅମ୍ବାପାଲି ବରଗଡ଼ ସହରରୁ ବିଚ୍ଛିନ୍ନ ହୋଇପଡୁଛି। ଫଳରେ ହଳଦୀପାଲି ଦେଇ ୬କି.ମି ଦୂର ଅତିକ୍ରମ କରି ଦୋକାନକୁ ଯିବାଆସିବା କରୁଛି। ବ୍ରିଜ୍ ନିର୍ମାଣ ସରୁ ନ ଥିବାରୁ ଯେଉଁ ଦୁଃଖ ଦୁର୍ଦ୍ଦଶା ଭୋଗୁଛି, ତାହା କହିବାକୁ ଭାଷା ନାହିଁ ।

–ରବୀନ୍ଦ୍ର ପୂଜାରୀ, ଅମ୍ବାପାଲି

## ସିଆର୍ପିଏଫ୍ ଯବାନଙ୍କ ତ୍ରିରଙ୍ଗା ଶୋଭାଯାତ୍ରା

ପାଇକମାଲ,୧୧।୮(ଡି.ଏନ.ଏ)

ବରଗଡ ଜିଲା ପାଇକମାଲ ସ୍ଥିତ ସିଆରପିଏଫ ଯବାନମାନଙ୍କ ତରଫରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଛି। ଅପରାହ୍ଣ ୩ଟାରେ ପାଇକମାଲ ସିଆରପିଏଫ୍ ଡି/୧୮୯ର ମୋହନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଯବାନମାନେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ପାଇକମାଲ ବସ୍ତି, ଜର୍ଜଗଡ, ନୃସିଂହନାଥ ଓ ମାତୃନିକେତନ ପର୍ଯ୍ୟନ୍ତ ଯାଇଥିଲେ। ମାତୃନିକେତନ ପରିସରରେ ସେମାନେ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ସିଆରପିଏଫ୍ ଯବାନଙ୍କ ସହ ପାଇକମାଲ ଭାଜପାର କର୍ମକର୍ତ୍ତା ଓ ଅନ୍ୟମାନେ ସାମିଲ ହୋଇଥିଲେ। ଏହାପୂର୍ବରୁ ସକାଳେ ପାଇକମାଲ ସିଆରପିଏଫ୍ କ୍ୟାମ୍ପରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ ତରଫରୁ ଦମୟନ୍ତୀ ପଣ୍ଡା ସମସ୍ତ ଯବାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ସେହିପରି କେରମେଲାବାହଲ ସ୍ଥିତ ଜି/୧୮୯ ପରିସରରେ ସଞ୍ଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗଛରେ ବାନ୍ଧିଲେ ରାଖୀ



ବନରକ୍ଷୀ, ଗ୍ରାମବାସୀ ଗଛରେ ରାକ୍ଷୀ ବାନ୍ଧୁଛନ୍ତି ।

ବରଗଡ଼ ଅଫିସ୍,୧୧।୮

ରକ୍ଷାବନ୍ଧନ ଉତ୍ସବରେ ଗଛରେ ରାକ୍ଷୀ ବାନ୍ଧି ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଖପରାଖୋଲ ଗ୍ରାମବାସୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଗ୍ରାମର ସରାଇଦମକ ବୁଢ଼ାରଜା ସଂରକ୍ଷିତ ଜଙ୍ଗଲରେ ଥିବା ଗଛରେ ସେମାନେ ରାକ୍ଷୀ ବାନ୍ଧିଥିଲେ। ସେମାନେ ପରିବେଶ ସୁରକ୍ଷା ବାର୍ତ୍ତା ଦେବା ସହିତ ବୃକ୍ଷର ଯତ୍ନ, ସୁରକ୍ଷା ନେଇ ସଂକଳ୍ପ କରିଥିଲେ। କାର୍ଯ୍ୟକ୍ରମରେ ଭଟଲି ଫରେଷ୍ଟ ରେଞ୍ଜ୍ ଅନ୍ତର୍ଗତ ଦ୍ୱାରି ବିଟ୍ର ବନରକ୍ଷୀ ଲିଜି ମହାପାତ୍ର, ଖପରାଖୋଲ, ସରାଇଦମକ, ବୁଢ଼ାରଜା ସଂରକ୍ଷିତ ଜଙ୍ଗଲ ସମିତି ସଭାପତି ଗୋବିନ୍ଦ କଠାର, ମହେନ୍ଦ୍ର ବଢ଼େଇ, ଗଜାଧର ଦାଶ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ରେଫରି ଅପ୍ଗ୍ରେଡେଶନ ପରୀକ୍ଷା ପରିଦର୍ଶନ

ବରଗଡ଼ ଅଫିସ୍,୧୧।୮

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ରେଫରି ଅପ୍ଗ୍ରେଡ଼େଶନର ଲିଖିତ ପରୀକ୍ଷା ସମାପ୍ତ ହୋଇଛି । ବର୍ତ୍ତମାନ ଅଭ୍ୟାସ (ପ୍ରାକ୍ଟିକାଲ) ପରୀକ୍ଷା ଆରମ୍ଭ ହୋଇଛି। ଫାଓର ରେଫରିମାନଙ୍କ ମୁଖ୍ୟ ଦୁର୍ଗାମାଧବ ନାୟକ ରାଜ୍ୟର ବିଭିନ୍ନ ଜିଲା ଗସ୍ତ କରି ପରୀକ୍ଷା ଗୁଡ଼ିକୁ ନିଜେ ବ୍ୟକ୍ତିଗତ ଭାବେ ପରିଦର୍ଶନ କରୁଛନ୍ତି। ଗୁରୁବାର ନାୟକ ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ତାଙ୍କ ଉପସ୍ଥିତିରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ମ୍ୟାଚ୍ରେ ଏହି ଅପ୍ଗ୍ରେଡ଼େଶନ ପରୀକ୍ଷାର ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ସମସ୍ତ ରେଫରି ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ରେ ବରଗଡ଼, ବରପାଲି, କଳାପାଣି, ଖଲିଆପାଲି ଦଳ ଅଂଶଗ୍ରହଣ କରିଥିଲେ। ଶୁଭମ ପାତ୍ର, ପୂର୍ଣ୍ଣଚନ୍ଦ୍ର ଭୁଏ, ଉମାକାନ୍ତ ପ୍ରଧାନ, ଝସକେତନ ପ୍ରଧାନ, ଗୋବର୍ଦ୍ଧନ ବାଗ, ଅନିତା ଭୁଏ, ସ୍ୱର୍ଣ୍ଣଲତା ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ସଭାପତିତ୍ୱ ଏବଂ ଆଉଟ୍ଡୋର ସମ୍ପାଦକ ସୁରେଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ନାୟକଙ୍କ ସମେତ ଫାଓ ଉପସଭାପତି ରବି ପଣ୍ଡା, ଫୁଟବଲ ସମ୍ପାଦକ ସେକ୍ ସବଦର, କ୍ରୀଡ଼ା ଶିକ୍ଷକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ୍ରେ ବରପାଲି ପ୍ରତିପକ୍ଷ ବରଗଡ଼ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଫାଓର ରେଫରି ମୁଖ୍ୟ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ଫାଓ ରେଫରି ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ସଚେତନ ହେମା ତରଫରୁ ଆଜାଦୀ କା ଅମୃତ ମହୋତ୍ସବ

ପଦ୍ମପୁର,୧୧।୮(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମରେ ଗୁରୁବାର 'ସଚେତନ ହେମା' ନାଟକ ଅନୁଷ୍ଠାନ ତରଫରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପ୍ରାଙ୍ଗଣରେ ଏକ ସାଧାରଣ ସଭା ହୋଇଥିଲା । ପରେ ଅନୁଷ୍ଠାନର କଳାକାର, ସ୍କୁଲ କଲେଜର ଛାତ୍ରୀଛାତ୍ର ଓ ଗ୍ରାମବାସୀ ତ୍ରିରଙ୍ଗା ପତାକା ଧରି ଗାଁ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ହର୍ ଘର୍ ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଥିଲା । ନାଟ୍ୟକାର ରାଜକୁମାର ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ପଥପ୍ରାନ୍ତ ନାଟକ 'ଆଜାଦୀ ଆରୁ ଆଜାଦ' ସଚେତନ ହେମା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଘନଶ୍ୟାମ ସାହୁ, ହେମନ୍ତ ମହାକୁର, ଡୋଲାମଣି ସାହୁ, ଜୟନ୍ତ ସାହୁ, ଭିକି ବରିହା, ମହେନ୍ଦ୍ର ସାହୁ ଘନଶ୍ୟାମ ଭୋଇ, ଗଣେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରବଣ ପ୍ରଧାନଙ୍କ ପରଲୋକରେ ଶୋକସଭା



ଶୋକସଭାରେ ଦିବଂଗତ ଶ୍ରବଣ ପଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଅମରପାଲି,୧୧।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ନିବାସୀ ଫଟୋ ସାମ୍ବାଦିକ ଶ୍ରବଣ କୁମାର ପ୍ରଧାନଙ୍କ ହୃଦ୍ଘାତରେ ପରଲୋକ ଘଟିଛି । ତାଙ୍କ ପରଲୋକରେ ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କର ଅମର ଆତ୍ମାର ସଦ୍ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା ଏବଂ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଅଧକ୍ଷତା କରିଥିଲେ। ଖବରଦାତା ବାସୁଦେବ ପଣ୍ଡା, ସୌମିତ୍ରି ମେହେର, ଯୁଗଳ କିଶୋର ମିଶ୍ର, ରବୀନ୍ଦ୍ର ହୋତା, ସୁଧୀର ବିଶାଳ, ଶେଷଦେବ ବାରିକ, ସତ୍ୟବାନ ପୁରୋହିତ, ସତ୍ୟବ୍ରତ ପ୍ରଧାନ, ରାଧାକାନ୍ତ ବାଘ, ପିତାମ୍ବର ସାହୁ, ଅନନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଉଁଶୁଣୀରେ ଗହ୍ମାଡ଼ିଆଁ ପରମ୍ପରା

ବାଉଁଶୁଣୀ, ୧୧।୮(ଡି.ଏନ୍.ଏ.)

ଶ୍ରାବଣ ପୂର୍ଣ୍ଣିମାକୁ ପବିତ୍ର ରକ୍ଷା ବନ୍ଧନ ସହ ଗହ୍ମା ପୂର୍ଣ୍ଣିମା ଭାବେ ମଧ ପାଳନ କରାଯାଏ। ବର୍ତ୍ତମାନ ଆଧୁନିକ ଯୁଗରେ ଗହ୍ମା ଡିଆଁ ପରମ୍ପରା ଲୁପ୍ତପାଇ ଯାଇଥିବାବେଳେ ଆଜି ମଧ ବୌଦ୍ଧ ଜିଲା ବାଉଁଶୁଣୀରେ କେଉଁ ଆବାହମାନକାଳରୁ ଗହ୍ମାଡିଆଁ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଭଉଣୀ ହାତରୁ ସୁରକ୍ଷା କବଚ ରାଖିଟିଏ ବାନ୍ଧିବା ପରେ ତିଆରି ହୋଇଥିବା ଗହ୍ମା ପୂଜାର୍ଚ୍ଚନା କରି ତା ଉପରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ଡ଼ିଆଁ ମାରି ପରମ୍ପରାକୁ ପାଳନ କରନ୍ତି। ଏହାକୁ ଦେଖିବା ପାଇଁ ଗ୍ରାମର ଶହଶହ ସଂଖ୍ୟାରେ ପୁରୁଷ ଓ ମହିଳା ଭିଡ଼ ଦେଖିବାକୁ ମିଳେ। ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ବଉଦିଆପଡ଼ା ଗ୍ରାମର ଯୁବକମାନଙ୍କ ପ୍ରଚେଷ୍ଟାରେ ଛୋଟ ଛୋଟ ପିଲାଙ୍କୁ ଉତ୍ସାହ କରିବା ସହ ଗହ୍ମାଡିଆଁ ପରମ୍ପରା ସହ ଜଡ଼ିତ ରହିବେ ବୋଲି କହିଛନ୍ତି। ଗ୍ରାମର ଲଳିତ ମେହେର, ଉମାକାନ୍ତ ମେହେର, ପରମେଶ୍ୱର ମେହେର, ମହେଶ୍ୱର ମେହେର, ସୁମନ୍ତ ମେହେର, ଅକ୍ରୁର ମେହେର, ଆକାଶ ମେହେର, ପ୍ରେମାନନ୍ଦ ମେହେର, ଚନ୍ଦନ ମେହେର ସହ ଗ୍ରାମବାସୀ ସହଯୋଗ କରିଥିଲେ।



ବାଉଁଶୁଣୀରେ ଗହ୍ମା ଡିଆଁ ପାଳନ କରାଯାଉଛି।

## ଗଛରେ ରାଖୀ ବାନ୍ଧିଲେ ଛାତ୍ରୀ

ବୌଦ୍ଧ,୧୧।୮(ସ୍ୱପ୍ର)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ଯୁବ ରେଡକ୍ରସ ଓ ଇକୋ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଗଛକୁ ଫୁଲ ଚନ୍ଦନ ଦେଇ ପୂଜା କରାଯାଇଥିଲା। ତାପରେ ହାତ ତିଆରି ଏକ ବଡ ରାଖୀକୁ ଗଛରେ ବନ୍ଧା ଯାଇଥିଲା । ୧୯୯୭ ମସିହାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ତାର ଠିକ ଯତ୍ନ ନେବା ସହ ସେମାନଙ୍କ ସହିତ ସ୍ନେହର ସମ୍ପର୍କ ସ୍ଥାପନ ଏହି ରାଖୀ ମାଧ୍ୟମରେ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ମୁଖ୍ୟ ଅତିଥିଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ସୁଧିର କର୍ଣ୍ଣ, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଅଧାପକ ଡ. ମହେନ୍ଦ୍ରନାଥ ଦେବତା, ସୁଶାନ୍ତ କୁମାର ମହାପାତ୍ର, ଶିକ୍ଷକ ବସନ୍ତ କୁମାର ସାହୁ, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅଧାପକ ପ୍ରବୀର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଯୁବ ରେଡକ୍ରସ, ଇକୋ କ୍ଲବ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଛରେ ରାଖୀ ବାନ୍ଧି ଥିଲେ।

## ଭାଗବତ ସଂସ୍କୃତିର ପୁନରୁଦ୍ଧାର ଲୋଡ଼ା



ସଂସ୍କୃତି ପୃଷ୍ଠପୋଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼ ଅଫିସ୍,୧୧।୮

ଆମ ସଂସ୍କୃତି ଓ ପରମ୍ପରା ହେଉଛି ବିଶ୍ୱ ବନ୍ଦନୀୟ। ବିଶ୍ୱାସ ଓ ଭାବଭକ୍ତିର ପ୍ରତୀକ ହେଉଛି ଭାଗବତ ଓ ସଂକୀର୍ତ୍ତନ। ଆବହମାନ କାଳରୁ ଭାଗବତ ଓ ସଂକୀର୍ତ୍ତନ ମଧରେ ଭାବଗତ ସମ୍ପର୍କ ରହିଆସିଛି। କିନ୍ତୁ ଧୀରେ ଧୀରେ ଭାଗବତ ଟୁଙ୍ଗୀ ଲୋପ ପାଇଆସୁଥିବାବେଳେ ଭାବଭକ୍ତିର ସଂକୀର୍ତ୍ତନ ବିକୃତ ରୂପ ଧାରଣ କରିବସିଲାଣି। ଫଳରେ ଭାଗବତ, ସଂକୀର୍ତ୍ତନ ସଂସ୍କୃତିର ପୁନରୁଦ୍ଧାର ଆବଶ୍ୟକତା ରହିଛି। ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଲଖନପୁର ସ୍ଥିତ ଚଣ୍ଡୀ ମନ୍ଦିରରେ ଆୟୋଜିତ ସଂକୀର୍ତ୍ତନ ସମାବେଶ ଏବଂ ଭାଗବତ ଜାଗରଣ ଉତ୍ସବରେ ଏହି ମତପ୍ରକାଶ ପାଇଛି। ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ସୁବଳ କର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ଡା. କର ଆହ୍ୱାନ କରିଥିଲେ। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ସରପଞ୍ଚ ସତ୍ୟଭୂଷଣ ସାହୁ, ହୀରାଧର ସାହୁ, ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ବିଶି, ଡଃ ଡୋଲାମଣି ଶତପଥି, ପ୍ରଦୀପ ମିଶ୍ର, ଲଳିତ ମୋହନ ପଣ୍ଡା, ବାଙ୍କ ବିହାରୀ ସାହୁ, ଅମ୍ବାଭୋନା ସଂଯୋଜକ ଶିବନାରାୟଣ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ଉଦ୍ୟୋକ୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା ସଂକୀର୍ତ୍ତନ ପରିଷଦ ସଭାପତି ଗୋପାଳ ମିଶ୍ର ସ୍ୱାଗତ ଅଭିଭାଷଣ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ସଂସ୍କୃତି ପୃଷ୍ଠପୋଷକ ଭାବେ ଡା. ସୁବଳ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲେଥେର, ପାରୁଆଭାଡ଼ି, ବଙ୍ଗାପାଲି, ରାମଖୋଲ, ହାତୀଖୁଜା, କର୍ଲା, ଚଣ୍ଡୀପାଲି ଆଦି ଭାଗବତ ଟୁଙ୍ଗୀର ସଦସ୍ୟମାନେ ଉପସ୍ଥିତ ଥିଲେ। ପରିଷଦ ସମ୍ପାଦକ ଜୟଦେବ ପଣ୍ଡା ହିନ୍ଦୁ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ। ଜିଲା ସଂଯୋଜକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।